بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ: ୫

ସମ୍ପାଦକ:

କମ୍ଫୁଲ୍ ହକ୍ ଖାନ୍

ସହ ସମ୍ପାଦକ:

ସୟଦ୍ ଅତାଉଲ୍ ୱାହାବ

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା: 47

ବାର୍ଷିକ ଦେୟ : ୬୦୦/-

www.akhbarbadr.in

08 ଜମାଦିଉଲ୍ ଊଲା 1445 ହି.କ, 23 ନବୁୱତ୍ 1402 ହି.ଶ 23 NOV 2023 ମସିହା


## ଅଲ୍ଲାଃତାଲାଙ୍କ ବାଣୀ

قَالَ ھٰذَا رَحۡمَۃٌ مِّنۡ رَّبِّیۡ فَاِذَا جَآءَ وَعۡدُ رَبِّیۡ جَعَلَہٗ دَکَّآءَ وَکَانَ وَعۡدُ رَبِّیۡ حَقًّا

(ଅଲ୍ କହଫ୍-୨୨)

**ଅନୁବାଦ :** (ଏହାପରେ) ସେ କହିଲେ, "ଏହା କେବଳ ଆମ୍ଭର ପାଳନ-କର୍ତ୍ତାଙ୍କ ବିଶେଷ କୃପା ଯୋଗୁଁ ସମ୍ଭବପର ହୋଇଛି । ପୁନଶ୍ଚ ଯେତେବେଳେ ଏକ ବିଶ୍ୱ ବ୍ୟାପକ ଶାସ୍ତି ସଂକ୍ରାନ୍ତରେ ଆମ୍ଭର ପାଳନକର୍ତ୍ତାଙ୍କ ଅଙ୍ଗୀକାର ପାଳିତ ହେବା ସମୟ ଉପସ୍ଥିତ ହେବ ସେତବେଳେ ସେ ଏହାକୁ ଅର୍ଥାତ ଉକ୍ତ ପ୍ରାଚୀରକୁ (ଭାଙ୍ଗି) ଧୂଳିସାତ୍ କରିଦେବେ ଏବଂ ଆମ୍ଭର ପାଳନକର୍ତ୍ତାଙ୍କ ଅଙ୍ଗୀକାର ବସ୍ତୁତଃ ସତ୍ୟ ଅଟେ ।"

## ଅହମଦିୟା ଖବର

ଅଲହମଦୁ ଲିଲ୍ଲାଃ ହୁଜୁର ଅନ୍‌ୱର୍ ଅ.ବ ସକୁଶଳ ଅଛନ୍ତି ।

ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଅନୁରୋଧ କି ସେମାନେ ହୁଜୁର ଅନୱର୍ ଅ.ବଙ୍କ ସ୍ୱାସ୍ଥ୍ୟବାନ୍, ଦୀର୍ଘାୟୁ ନି ସକଳ ତଥା ସର୍ବୋଚ୍ଚ ଉଦ୍ଦେଶ୍ୟରେ ସାଫଲ୍ୟ ମଣ୍ଡିତ ହେବା ନିମନ୍ତେ ଏବଂ ବିଶେଷ ସୁରକ୍ଷା ନିମନ୍ତେ ଦୁଆ ଜାରି ରଖନ୍ତୁ । ଅଲ୍ଲାଃତାଲା ହୁଜୁର ଅନ୍‌ୱର୍ ଅ.ବଙ୍କର ପ୍ରତ୍ୟେକ ମୁହୂର୍ତ୍ତ ରକ୍ଷକ ଓ ସହାୟକ ହୁଅନ୍ତୁ ।

## ନବୀ ସ.ଅଙ୍କ ବାଣୀ

### (ମାର୍ଗର ଅଧିକାର)..

**(2465)** ହ. ଅବୁ ସଇଦ୍ ର.ଅ  ଆଁହଜରତ ସ.ଅଙ୍କ ଠାରୁ ଶୁଣି ବର୍ଣ୍ଣନା କରନ୍ତି ଯେ, ଆପଣ ସ.ଅ କହିଲେ: ମାର୍ଗ (ରାସ୍ତା) ଉପରେ କେବେ ବସିବ ନାହିଁ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ରାସ୍ତା ଉପରେ ବସିବା ବ୍ୟତୀତ ଆମମାନଙ୍କ ନିକଟରେ ଆଉଁ କୌଣସି ଉପାୟ ନାହିଁ । କାରଣ ରାସ୍ତା ହିଁ ଆମମାନଙ୍କର ବସିବାର ପେଣ୍ଠ ସ୍ଥଳୀ ଅଟେ । ରାସ୍ତା ହିଁ ଏକମାତ୍ର ସ୍ଥାନ ଯେଉଁଠି ଆମମାନେ ପରସ୍ପର ସହିତ ଭେଟ ଓ କଥାବାର୍ତ୍ତା ହଇଥାଉ । ଆଁହଜରତ ସ.ଅ କହିଲେ,  ତୁମେମାନେ ଯଦି ରାସ୍ତାକୁ ହିଁ ନିଜର ବୈଠକ ସ୍ଥଳ କରିବାକୁ ଚାହୁଁଛ ତେବେ ରାସ୍ତାର ଯେଉଁ ଅଧିକାର ରହିଛି ତାହାକୁ ବି ସମ୍ପାଦନ କର । ସାହାବାମାନେ ପ୍ରଶ୍ନ କଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ତାହାହେଲେ ମାର୍ଗ (ରାସ୍ତାର) କ'ଣ ସବୁ ଅଧିକାର ରହିଛି ? ଆପଣ ସ.ଅ କହିଲେ: ତୁମେମାନେ ଯେତେବେଳେ ରାସ୍ତା ଉପରେ ବସ ବା କଥାବାର୍ତ୍ତା ହୁଏ ସେତେବେଳେ ନିଜର ଦୃଷ୍ଟିକୁ ସର୍ବଦା ତଳକୁ ରଖିବ ଓ ଅନିଷ୍ଟକାରୀ ବସ୍ତୁକୁ ବାଟରୁ ହଟାଇ ଦେବ, ସଲାମର ଉତ୍ତର ଦେବା, ଉତ୍ତମ କଥା କରିବା ପ୍ରତି ସର୍ବଦା ଆଦେଶ ଦେଉଥିବ ଓ ଅପ୍ରିୟ କଥା କହିବାରୁ ଅନ୍ୟମାନଙ୍କୁ ରୋକିବାକୁ ପ୍ରୟାସ କରିବ ।

### ...(ଶୋଷିଲା ଜୀବକୁ ଜଳପାନ କରାଇବା ଦ୍ୱାରା ପୁଣ୍ୟ ପ୍ରାପ୍ତ ହେବା)...

(2466) ହ. ଅବୁ ହୁରେରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ: ଏକଦା ଜଣେ ବ୍ୟକ୍ତି ବାଟରେ ଯାଉଥିଲା କି ତା'କୁ ବହୁତ ଶୋଷ ଲାଗିଲା। ସେ ଏକ କୂପ ଦେଖିଲା । ସେହି କୂପରେ ସେ ଜଳ ମଧ ଦେଖିବାକୁ ପାଇଲା ଏବଂ କୂପ ଭିତରକୁ ସେ ଓହ୍ଲାଇଲା ଏବଂ ଜଳ ପାନ କଲା । ପୁନଶ୍ଚ ଯେତବେଳେ ସେ ବାହାରକୁ ବାହାରିଲା ସେତେବେଳେ ସେ ଏହା ଅବଲୋକନ କଲା ଯେ, ଏକ କୁକୁର ଅତ୍ୟଧିକ ଶୋଷ ଲାଗିବା ହେତୁ ଧଇଁସଇଁ ହେଉଛି ଏବଂ କାଦୁଅକୁ ଚାଟୁଛି । ସେହି ବ୍ୟକ୍ତି ଏହା ଭାବିଲା ଯେ, ଉକ୍ତ କୁକୁରର ମଧ ଶୋଷ ଯୋଗୁଁ ସେହି ଦଶା ହୋଇଛି ଯାହା ତା'ର ଦଶା ହୋଇଥିଲା । ସୁତରାଂ ଉକ୍ତ ବ୍ୟକ୍ତି ଜଣକ କୂପ (କୁଅ) ଭିତରକୁ ଓହ୍ଲାଇଲା ଓ ନିଜର ମୋଜାରେ ପାଣି ପୂରାଇଲା ଓ ସେହି କୁକୁରକୁ ଜଳପାନ କରାଇଲା । ଅଲ୍ଲାଃତାଲା ଉକ୍ତ ବ୍ୟକ୍ତିର ପୁଣ୍ୟକୁ ସମ୍ମାନ ଜଣାଇଲେ ଓ ତା'ର ପାପ ଉପରେ ଘଣ୍ଟ ଘୋଡ଼ାଇ ତା'କୁ କ୍ଷମା ପ୍ରଦାନ କଲେ । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଏବଂ ଆମେମାନଙ୍କୁ ସେହି ବାକ୍‌ବିହୀନ ଚତୁସ୍ପଦ ପ୍ରାଣୀଙ୍କ ଯୋଗୁଁ ପୁଣ୍ୟ ମଧ ପ୍ରାପ୍ତ ହେବ ? ଆପଣ ସ.ଅ କହିଲେ: ପ୍ରତ୍ୟେକ ସଦ୍ୟ ଯକୃତ (ଜୀବନ୍ତ ପ୍ରାଣୀ) ଯୋଗୁଁ ପୁଣ୍ୟ ପ୍ରାପ୍ତି ହେବ ।

**(ସହିଉଲ୍ ବୁଖାରୀ, ଗ୍ରନ୍ଥ ଖଣ୍ଡ-4, କିତାବୁଲ୍ ମଜାଲିମି, ପ୍ରକାଶନ ବର୍ଷ 2008 ମସିହା, କାଦିଆନ୍)**

☆ ☆ ☆

## ପ୍ରତିଶ୍ରୁତ ମସିହ୍ଅ.ସଙ୍କ ନିତୀବାଣୀ:-

**ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ସହାନଭୂତି ପ୍ରଦର୍ଶନ କରିବା ଏଭଳି ଏକ ପ୍ରସଙ୍ଗ ଯାହାକି ବିଶ୍ୱାସର ଦ୍ୱିତୀୟ ଅଂଶ ଅଟେ । ଏହାକୁ ବାଦ୍ ଦେଲେ ବିଶ୍ୱାସ କଦାପି ପୂର୍ଣ୍ଣ ଓ ସୁଦୃଢ ହୋଇପାରିବ ନାହିଁ ।**

**ଧନର କୌଣସି ବିଶେଷତା ନାହିଁ, ଅଲ୍ଲାଃତାଲା ଯାହାକୁ କିଛି ଦେଇଛନ୍ତି ସେ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରୁ । ତହିଁରୁ ଏହା ଅଭିପ୍ରାୟ ଯେ, ମନୁଷ୍ୟ ସମଗ୍ର ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରୁ ଓ ମାନବ ଜାତିର ସହାୟକ ହେଉ ।**

### .........(ଅଲ୍ଲାଃତାଲାଙ୍କର ମାର୍ଗରେ ବ୍ୟୟ କରିବାର ମହତ୍ତ୍ୱ)..........

ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ମୁଁ ପୁନଶ୍ଚ ପ୍ରକୃତ ପ୍ରସଙ୍ଗ ଆଡ଼କୁ ପ୍ରତ୍ୟାବର୍ତ୍ତନ କରି କହୁଛି ଯେ, ଧନାଢ୍ୟ ବା ଧନୀକ ଲୋକମାନେ ଉତ୍ତମ ଭାବରେ ଧର୍ମ ସେବା କରିପାରିବେ । ଅତଃ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَمِمَّا رَزَقۡنٰھُمۡ یُنۡفِقُوۡنَ **(ଅଲ ବକରାହ୍: 4)** ଅର୍ଥାତ ଆମ୍ଭେମାନେ ଧର୍ମପରାୟଣ ବ୍ୟକ୍ତିମାନଙ୍କୁ ଯାହାକିଛି ଦେଇଅଛୁ ସେମାନେ ତହିଁରୁ (ପ୍ରଭୁଙ୍କ ମାର୍ଗରେ) ବ୍ୟୟ କରିଥାଆନ୍ତି । ଅଲ୍ଲାଃତାଲା ଉପରୋକ୍ତ ଆୟତ୍‌କୁ ଧର୍ମପରାୟଣ ବ୍ୟକ୍ତିମାନଙ୍କର ଏକ ବିଶେଷତା ବୋଲି ବିବେଚିତ କରିଛନ୍ତି । ଏଠାରେ ଅର୍ଥର କୌଣସି ବିଶେଷତା ନାହିଁ । ଅଲ୍ଲାଃତାଲା ଯେଉଁ ବ୍ୟକ୍ତିକୁ ଯାହାକିଛି ବି ଦେଇଛନ୍ତି ସେ ତାହାକୁ ଅଲ୍ଲାଃତାଲାଙ୍କ ମାର୍ଗରେ ବ୍ୟୟ କରୁ । ତହିଁରୁ ଏହା ଅଭିପ୍ରାୟ ଯେ, ମନୁଷ୍ୟ ମାନବ ଜାତି ପ୍ରତି ସହାନୁଭୂତି ପ୍ରଦର୍ଶନ କରୁ ଓ ମାନବ ଜାତି ପ୍ରତା ସହାୟକ ହେଉ । ଅଲ୍ଲାଃତାଲାଙ୍କ ଧର୍ମବିଧାନ ଦୁଇଟି କଥା ଉପରେ ନିର୍ଭରଶୀଳ ଅଟେ । 1- ଅଲ୍ଲାତାଲାଙ୍କ ଆଦେଶାବଳୀ ପ୍ରତି ସମ୍ମାନ ପ୍ରଦର୍ଶନ କରିବା ଓ 2- ଅଲ୍ଲାଃତାଲାଙ୍କ ପ୍ରାଣୀମାନଙ୍କ ପ୍ରତି ଦୟା ତଥା ସହାନୁଭୂତି ପ୍ରଦର୍ଶନ କରିବା ।

ସୁତରାଂ وَمِمَّا رَزَقْنٰهُمْ يُنْفِقُوْنَ ରେ ଅଲ୍ଲାଃତାଲାଙ୍କ ଦ୍ୱାରା ସୃଷ୍ଟ ପ୍ରାଣୀମାନଙ୍କ ପ୍ରତି ଦୟା ପ୍ରଦର୍ଶନ କରିବା ସଂକ୍ରାନ୍ତରେ ଶିକ୍ଷା ବର୍ଣ୍ଣିତ ହୋଇଛି । ଧାର୍ମିକ ସେବା ଲାଗି ଧନାଢ୍ୟ ବ୍ୟକ୍ତିମାନଙ୍କୁ ବଡ଼ ବଡ଼ ଅବସର ପ୍ରାପ୍ତ ହୋଇଥାଏ ।

ଏକଦା ଆମର ପ୍ରିୟ ମୁନିବ ହ. ମୁହମ୍ମଦ୍ ସ.ଅ ଟଙ୍କା ପଇସାର ଆବଶ୍ୟକତା ସଂପର୍କରେ ଯେତେବେଳେ ସାହାବାମାନଙ୍କୁ କହିଲେ । ସେତେବେଳେ ହ. ଅବୁ ବକର ର.ଅ ନିଜ ଘରର ସମସ୍ତ ଆସବାବ ପତ୍ର ଆଣ ଆଁହଜରତ ସ.ଅଙ୍କ ସେବାରେ ଉପସ୍ଥିତ ହୋଇଗଲେ । ଆପଣ ସ.ଅ ପଚାରିଲେ, ହେ ଅବୁ ବକର ! ଆପଣ ନିଜ ଘରେ କ'ଣ ଛାଡ଼ି ଆସିଛନ୍ତି । ପ୍ରତ୍ୟୁତ୍ତରରେ ହ. ଅବୁ ବକର ର.ଅ କହିଲ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଘରେ ଅଲ୍ଲାଃତାଲା ଓ ତାହାଙ୍କ ବାର୍ତ୍ତାବହଙ୍କ ନାମ ଛାଡ଼ିଦେଇ ଆସିଛି । ଅପର ପକ୍ଷେ ହ. ଉମର୍ ର.ଅ ନିଜର ଅର୍ଧ ଧନ ନେଇ ଆସିଲେ । ଆପଣ ସ.ଅ ହ. ଉମର୍ ର.ଅଙ୍କୁ ପ୍ରଶ୍ନ କଲେ, ହେ ଉମର୍ ! ତୁମେ ନିଜ ଘରେ କ'ଣ ଛାଡ଼ି ଦେଇ ଆସିଛ? ପ୍ରତ୍ୟୁତ୍ତରରେ ଆପଣ ର.ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁଁ ନିଜ ଘରେ ଅର୍ଧ ଧନ ଛାଡ଼ିଦେଇ ଆସିଛି । ରସୁଲ୍ କରୀମ୍ ସ.ଅ କହିଲେ, ଅବୁ ବକର ର.ଅ ଓ ହ. ଉମର୍ ର.ଅଙ୍କ କର୍ମରେ ଯେପରି ଅନ୍ତର ବା ପାର୍ଥକ୍ୟ ରହିଛି ଠିକ୍ ସେହିପରି ସେମାନଙ୍କ ମର୍ଯ୍ୟାଦାରେ ମଧ୍ୟ ଅନ୍ତର ବା ପାର୍ଥକ୍ୟ ରହିଛି ।

ସଂସାରରେ ମନୁଷ୍ୟ ନିଜ ଧନ ସମ୍ପତ୍ତିକୁ ସବୁଠୁ ବେଶୀ ଭଲପାଏ । ଅତଃ ସ୍ୱପ୍ନ ଫଳ ବିଦ୍ୟାରେ ତତ୍‌ସଂକ୍ରାନ୍ତରେ ଉଲ୍ଲେଖ ରହିଛି ଯେ, ଯଦି କୌଣସି ବ୍ୟକ୍ତି ସ୍ୱପ୍ନରେ ଏହା ଦେଖେ କି ତା'ର ଯକୃତ କାଢି ଅନ୍ୟ ବ୍ୟକ୍ତିକୁ ଦେଇ ଦିଆଯାଇଛି । ତେବେ ତହିଁରୁ ଧନ ଯଥାର୍ଥ ଅଟେ । ଏହି କାରଣରୁ ପ୍ରକୃତ ଧର୍ମପରାୟଣତା ଓ ବିଶ୍ୱାସ ପ୍ରାପ୍ତି ନିମନ୍ତେ ଅଲ୍ଲାଃତାଲା ଏହି ଆଦେଶ ଦେଲେ ଯେ, لَنْ تَنَالُ الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ **(ଆଲେ ଇମ୍ରାନ୍: 93)** ଅର୍ଥାତ୍ ତୁମ୍ଭେମାନେ ନିଜର ପ୍ରିୟ ଧନରୁ ଯେପର୍ଯ୍ୟନ୍ତ ପ୍ରଭୁଙ୍କ ମାର୍ଗରେ ବ୍ୟୟ କରି ନଦେଇଛି ସେପର୍ଯ୍ୟନ୍ତ ତୁମେମାନେ ସେହି ପୁଣ୍ୟକୁ କଦାପି ପ୍ରାପ୍ତ କରିପାରିବା ନାହିଁ । କାରଣ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଜୀବମାନଙ୍କ ପ୍ରତି ସହାନୁଭୂତି ଓ ସଦ୍‌ବ୍ୟବହାର ପ୍ରଦର୍ଶନ କରିବା ଏକ ବୃହାତାଂଶ ଧନକୁ ବ୍ୟୟ କରିବାର ଆବଶ୍ୟକତା ରହିଛି ବୋଲି ଦର୍ଶାଇଥାଏ ଏବଂ ମାନବ ଜାତି ଓ ଈଶ୍ୱରଙ୍କ ଦ୍ୱାରା ସୃଷ୍ଟ ଜୀବମାନଙ୍କ ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ଏଭଳି ଏକ ପ୍ରସଙ୍ଗ ଯେ, ତାହା ବିଶ୍ୱାସର ଦ୍ୱିତୀୟ ଅଙ୍ଗ ଅଟେ । ଏହା ବ୍ୟତୀରେକ ବା ଏହାକୁ ବାଦଦେଲେ ବିଶ୍ୱାସ କଦାପି ସଂପୂର୍ଣ୍ଣ ଓ ସୁଦୃଢ ହୋଇପାରିବ ନାହିଁ । ମନୁଷ୍ୟ ଯେପର୍ଯ୍ୟନ୍ତ ବଳିଦାନ ନଦେଇଛି ସେପର୍ଯ୍ୟନ୍ତ ସେ ଅନ୍ୟକୁ କିପରି ବା ଲାଭ ପହଞ୍ଚାଇ ପାରିବ ? ଅନ୍ୟ ବ୍ୟକ୍ତିର ଉପକାର ତଥା ହିତ ସାଧାନ କରିବା ଓ ଅନ୍ୟ ବ୍ୟକ୍ତି ପ୍ରତି ସହାନୁଭୂତି ପ୍ରଦର୍ଶନ କରିବା ନିମନ୍ତେ ଆବଶ୍ୟକୀୟ ବସ୍ତୁ ହେଉଛି ବଳିଦାନ ବା ତ୍ୟାଗ । ଅତଃ ଉପରୋକ୍ତ ଆୟତ୍‌ରେ لَنْ تَنَالُ الْبِرَّ حَتّٰى تُنْفِقُوْا مِمَّا تُحِبُّوْنَ ସେହି ବଳିଦାନ ଓ ତ୍ୟାଗ ସମ୍ବନ୍ଧୀୟ ଶିକ୍ଷାର ଉଲ୍ଲେଖ ରହିଛି ଏବଂ ବଳିଦାନ ତଥା ତ୍ୟାଗ କରିବା ନିମନ୍ତେ ମାର୍ଗଦର୍ଶନ ମଧ୍ୟ ଉକ୍ତ ଆୟତ୍‌ରେ ରହିଛି ।

ସୁତରାଂ ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ ଓ ଧର୍ମପରାୟଣତାର ସ୍ତର ଏବଂ କଷଟି ପଥର ଅଟେ । ହ. ଅବୁ ବକର ର.ଅ ଈଶ୍ୱରଙ୍କ ସକାଶେ ନିଜର ଜୀବନକୁ ଉତ୍ସର୍ଗ କରିବାର ଯେଉଁ ସ୍ତର ଥିଲା ଏବଂ କଷଟି ଏପରି ପଥର ରହିଥିଲା ଯେପରିକି ରସୁଲୁଲ୍ଲାଃ ସ.ଅ ଯେତେବେଳେ ଏକ ଆବଶ୍ୟକତା ନିମନ୍ତେ ସାହାବାମାନଙ୍କୁ ଆହ୍ୱାନ ଦେଉଥିଲେ ଅପରମୁହୂର୍ତ୍ତରେ ସାହାବାମାନେ ନିଜ ଘରର ସମସ୍ତ ଆସବାବ ପତ୍ର ଆଣି ଆଁହଜରତ ସ.ଅଙ୍କ ସମକ୍ଷରେ ଉପସ୍ଥିତ ହୋଇଗଲା ।

**(ମଲ୍‌ଫୁଜାତ୍, ଗ୍ରନ୍ଥଖଣ୍ଡ-1, ପୃ-497, ପ୍ରକାଶନ ସ୍ଥାନ- କାଦିଆନ୍, 2018 ମସିହା)**

☆ ☆ ☆

## ମୁହମ୍ମଦୀୟ ସ.ଅ ପୂର୍ଣ୍ଣତ୍ୱମୂଳକ ଚମତ୍କାର ପର୍ଯ୍ୟନ୍ତ ମୁସଓ୍ୱୀୟ ପୂର୍ଣ୍ଣତ୍ୱମୂଳକ ଚମତ୍କାର ପହଞ୍ଚି ପାରିବ ନାହିଁ ।

### ହ. ମୁସା ଅ.ସ ପ୍ରଭୁଙ୍କୁ ଶୀଘ୍ର ପ୍ରଶ୍ନ କରିବାକୁ ଲାଗିଯାଉଥିଲେ ଓ ରସୁଲ୍ କରୀମ୍ ସ.ଅ ନୀରବ ରହୁଥିଲେ । ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ହିଁ ସମସ୍ତ ପ୍ରସଙ୍ଗକୁ ପ୍ରକାଶ୍ୟ ଏବଂ ଉଦଘାଟିତ କରୁଥିଲେ । ଏହି ମୂଳ ପାର୍ଥକ୍ୟ ହିଁ ଉଭୟ ସଂପ୍ରଦାୟ ମଧ୍ୟରେ

ସୟେଦିନା ହ. ମୁସ୍‌ଲେହ୍ ମଉଦ୍[ର.ଅ] ସୁରାଃ ଅଲ୍ କହଫ୍‌ର -୬୮ ନଂ ଆୟତ୍ اِنَّكَ لَنْ تَسْتَطِيْعَ مَعِيَ صَبْرًا ର ବ୍ୟାଖ୍ୟା କରି କହୁନ୍ତି: ଉକ୍ତ ଆୟତ୍‌ରେ لَنْ تَرَانِيْ ସଂପର୍କିତ ବିଷୟ ବସ୍ତୁ ବର୍ଣ୍ଣିତ ହୋଇଛି । ଅର୍ଥାତ ମୁହମ୍ମଦ ସ.ଅଙ୍କ ପୂର୍ଣ୍ଣତ୍ୱମୂଳକ ଚମତ୍କାର ପର୍ଯ୍ୟନ୍ତ ମୁସା ଅ.ସଙ୍କ ପୂର୍ଣ୍ଣତ୍ୱମୂଳକ ଚମତ୍କାର ପହଞ୍ଚି ପାରିବ ନାହିଁ । ତହିଁରେ ଏହା କୁହାଯାଇଛି ଯେ, ମୁହମ୍ମଦୀୟ ଜାତି ଧୈର୍ଯ୍ୟ ଓ ମର୍ଯ୍ୟାଦା ସମ୍ପନ୍ନ ଜାତି ଓ ମୁସଓ୍ୱୀୟ ଜାତି ମଧ୍ୟ ଧୈର୍ଯ୍ୟ ଓ ମର୍ଯ୍ୟାଦା ସମ୍ପନ୍ନ ଜାତି । କିନ୍ତୁ ମୁସଲମାନମାନେ ଯେଉଁ ଅଗ୍ନି ପରୀକ୍ଷା ଓ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି ମୁସଓ୍ୱୀୟ ଧର୍ମାବଲମ୍ବୀମାନେ ସେଠାରେ ଆସି ଅଟକି ଯାଇଛନ୍ତି । ତହିଁରେ ଏହି କଥା ଆଡ଼କୁ ଇଙ୍ଗିତ କରାଯାଇଛି ଯେ, ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ ଦୀର୍ଘ କାଳ ଧରି ପରୀକ୍ଷା ଓ ସମସ୍ୟାର ସମ୍ମୁଖୀନ ହୋଇଛନ୍ତି । କିନ୍ତୁ ସେହି ସବୁ ସମସ୍ୟା ଓ ଦୁଃଖ କଷ୍ଟ ଶାରୀରିକ ଥିଲା । ଶୈକ୍ଷିକ ପରୀକ୍ଷା ନଥିଲା । ସେମାନେ ଶୈକ୍ଷିକ ସମସ୍ୟା ତଥା ଦୁଃଖ କଷ୍ଟର ମୁକାବିଲା କରିପାରିଲେ ନାହିଁ । ସୁତରାଂ ସ୍ୱୟଂ ହ. ଇସା (ଯୀଶୁଖ୍ରୀଷ୍ଟ) ଅ.ସ ମଧ୍ୟ ଅଭିଳାଷୀ ରହିଲେ ଯେ, ମୋର ମର୍ଯ୍ୟାଦାକୁ ତଥା ମହତ୍ତ୍ୱକୁ କେହି ବି ବୁଝିଲେ ନାହିଁ । ଏପର୍ଯ୍ୟନ୍ତକି ଇଞ୍ଜିଲ୍‌ରେ ତ' ଏହା ଉଲ୍ଲେଖ ରହିଛି ଯେ, ଯୀଶୁ ଖ୍ରୀଷ୍ଟ ନିଜର ପାଲେଷ୍ଟାଇନୀୟ ଜୀବନର ଶେଷ ବର୍ଷରେ ଯେତେବେଳେ ସେ ଶୁଳିର ଘଟଣା ନିକଟବର୍ତ୍ତୀ ଥିଲା ନିଜର ସବୁଠୁ ଘନିଷ୍ଠ ତଥା ନିବିଡ଼ ଶିଷ୍ୟ ପିତ୍ରସ୍‌କୁ ପଚାରିଲେ ଯେ, ଲୋକମାନେ ମୋତେ କ'ଣ ଭାବନ୍ତି ? ଯେତେବେଳେ ପିତ୍ରସ୍ ଇସା ଅ.ସଙ୍କୁ କହିଲା ଯେ, ମୁଁ ଆପଣ ଅ.ସଙ୍କୁ ମସିହ୍ ବୋଲି ଭାବୁଛି ସେତେବେଳେ ହ. ଇସା ଅ.ସ ଅତ୍ୟନ୍ତ ଆନନ୍ଦିତ ହେଲ । **(ମତା, ବାବ-16, ଆୟତ୍-18-19)** ତହିଁରୁ ଏହା ଜ୍ଞାତ ହୁଏ ଯେ, ହଓ୍ୱାରୀମାନେ ମଧ୍ୟ ହ. ଇସା ଅ.ସଙ୍କୁ ମସିହ୍ ବୋଲି ସ୍ୱୀକାର କରିବାକୁ ପ୍ରସ୍ତୁତ ନଥିଲେ । ବରଂ ସେମାନେ ହ. ଇସା ଅ.ସଙ୍କୁ ଜଣେ ସାଧାରଣ ଅବତାର ବୋଲି ସ୍ୱୀକାର କରୁଥିଲେ । ସୁତରାଂ ପିତ୍ରସ୍‌ର ବିଶ୍ୱାସକୁ ଦେଖି ହ. ଇସା ଅ.ସ ଅନନ୍ଦିତ ହୋଇଥିଲେ ।

ଉକ୍ତ ଆୟତ୍‌ରେ ମୁହମ୍ମଦ ରସୁଲୁଲ୍ଲାଃ ସ.ଅ ଓ ହ. ମୁସା ଅ.ସଙ୍କ ସ୍ୱଭାବ ମଧ୍ୟରେ ତୁଳନା କରାଯାଇଛି । ହ. ମୁସା ଅ.ସ ଶୀଘ୍ର ପ୍ରଶ୍ନ କରିବାକୁ ଲାଗିଯାଉଥିଲେ ଓ ଅପର ପକ୍ଷେ ରସୁଲ୍ କରୀମ୍ ସ.ଅ ନୀରବ ରହୁଥିଲେ । ଏପର୍ଯ୍ୟନ୍ତକି ଅଲ୍ଲାଃତାଲା ଆପଣ ସ.ଅଙ୍କ ଉପରେ ହିଁ ପ୍ରତ୍ୟେକ ପ୍ରସଙ୍ଗ ପ୍ରକାଶ୍ୟ କରୁଥିଲେ । ଏହା ହିଁ ଉଭୟ ସଂପ୍ରଦାୟ ମଧ୍ୟରେ ମୂଳ ପାର୍ଥକ୍ୟ ଥିଲା । ତୌରାତ୍ ଉପରେ ଯଦି ଦୃଷ୍ଟିପାତ କରାଯାଏ ତେବେ ବନି ଇସ୍ରାଇଲ୍‌ର ସଂପ୍ରଦାୟ ପ୍ରଶ୍ନ ଉପରେ ପ୍ରଶ୍ନ କରୁଥିଲେ । କିନ୍ତୁ ଆଁହଜରତଙ୍କ ଜାତିର ଏହି ଅବସ୍ଥା ରହିଛି ଯେ, ସାହାବା ର.ଅ କୁହନ୍ତି ଯେ, ଆମେମାନେ ଅପେକ୍ଷା କରୁଥିଲୁ କି କୌଣସି ଆଦିବାସୀ ବ୍ୟକ୍ତି ଆସୁ ଓ ଆଁହଜରତ ସ.ଅଙ୍କୁ ପ୍ରଶ୍ନ କରୁ କି ଆପଣ ସ.ଅ ଅଲ୍ଲାଃତାଲାଙ୍କର ବାର୍ତ୍ତାବହ ଅଟନ୍ତି। କାରଣ ଆମେମାନେ ମଧ୍ୟ ସେହି ଆଦିବାସୀ ବ୍ୟକ୍ତି ଠାରୁ ଆପଣ ସ.ଅଙ୍କ ସତ୍ୟତା ସଂପର୍କରେ ଶୁଣି ନେବୁ। ସୁତରାଂ ଏହିଭଳି ଶିଷ୍ଟାଚାର ଓ ଅପୂର୍ବ ଆତ୍ମ ଧୈର୍ଯ୍ୟର ସାହାବାମାନେ ଅଧିକାରୀ ଥିଲେ ଯେ, ସେମାନେ ନିଜେ ପ୍ରଥମେ ପ୍ରଶ୍ନ କରୁ ନଥିଲେ । ଏହି ଆଡ଼କୁ ଇଙ୍ଗିତ କରି ଅଲ୍ଲାଃତାଲା କୁହନ୍ତି: اَمْ تُرِيْدُوْنَ اَنْ تَسْـَٔلُوْا رَسُوْلَكُمْ كَمَا سُئِلَ مُوْسٰى مِنْ قَبْلُ **(ଅଲ୍ ବକରାହ୍: 109)** ଅର୍ଥାତ କ'ଣ ତୁମେମାନେ ନିଜ ରସୁଲଙ୍କୁ ସେହିପରି ପ୍ରଶ୍ନ ପଚାରିବାକୁ ଇଚ୍ଛା କରୁଅଛ ଯେପରି ଏହା ପୂର୍ବରୁ ମୁସା ଅ.ସଙ୍କୁ ପଚରା ଯାଇଥିଲା ଏବଂ ତୁମେମାନେ ଭୁଲି ଯାଉଛି ଯେ, ଯେଉଁ ବ୍ୟକ୍ତି ବିଶ୍ୱାସ ବଦଳରେ ଅବିଶ୍ୱାସକୁ ପ୍ରଶୟ ଦିଏ ତେବେ ବୁଝିନିଅ ଯେ, ସେ ସରଳ ପଥରୁ ବିଚ୍ୟୁତ ହୋଇଯାଇଛି । ଅର୍ଥାତ ଉକ୍ତ ଆୟତ୍‌ରେ ଏହା କୁହାଯାଇଛି ଯେ, ହ. ମୁସା ଅ.ସଙ୍କ ସଂପ୍ରଦାୟର ଲୋକମାନେ ହ. ମୁସା ଅ.ସଙ୍କୁ ବାରମ୍ବାର ପ୍ରଭୁଙ୍କ ଆଡ଼କୁ ଧ୍ୟାନ କେନ୍ଦ୍ରିତ କରିବା ପ୍ରତି ତଥା ପ୍ରତ୍ୟେକ ପ୍ରସଙ୍ଗରେ ପ୍ରଶ୍ନ କରିବା ନିମନ୍ତେ ବାଧ କରୁଥିଲେ । ଅତଃ ଉକ୍ତ ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣପୂର୍ବକ ସାହାବାମାନେ ଶିଷ୍ଟତାର ପନ୍ଥାକୁ ଅତ୍ୟନ୍ତ ଦୃଢତାର ସହିତ ଜାବୁଡ଼ି ରଖିଥିଲେ । ସ୍ୱୟଂ ଆଁହଜରତ ସ.ଅଙ୍କର ଏହି ଅବସ୍ଥା ଥିଲା ଯେ, ଅଲ୍ଲାଃତାଲା ଆପଣ ସ.ଅଙ୍କୁ ଯାହାକିଛି କହୁଥିଲେ ଆପଣ ସ.ଅ ତାହାକୁ ଶୁଣି ନେଉଥିଲେ ଅନ୍ୟଥା ଧୈର୍ଯ୍ୟପୂର୍ବକ ଅପେକ୍ଷା କରୁଥିଲେ ଏବଂ ଏହି ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣ କରୁଥିଲେ ଯେ, وَلَا تَعْجَلْ بِالْقُرْاٰنِ مِنْ قَبْلِ اَنْ يُّقْضٰۤى اِلَيْكَ وَحْيُهٗ وَقُلْ رَّبِّ زِدْنِيْ عِلْمًا **(ତା ହା:115)** ଅର୍ଥାତ୍ ଏବଂ ଓହି ମାଧମରେ କୁରଆନ୍ ସଂପୂର୍ଣ୍ଣ ରୂପେ ଅବତୀର୍ଣ୍ଣ ହେବା ପୂର୍ବରୁ ତୁମ୍ଭେ ଏ ସଂକ୍ରାନ୍ତରେ ବ୍ୟଗ୍ର ହୁଅ ନାହିଁ ଏବଂ କୁହ କି ହେ ଆମ୍ଭର ପାଳନକର୍ତ୍ତା ! ଆମ୍ଭର ଜ୍ଞାନକୁ ବୃଦ୍ଧି କର । **(ତଫ୍‌ସିର୍ କବିର୍, ଭାଗ-4, ପୃ-476, ପ୍ରକାଶନ ବର୍ଷ- 2010 ମସିହା)**

☆ ☆ ☆

## ଗତ 46 ତମ ଶୁମାରା (ସଂଖ୍ୟା)ରେ ପୃ 11-12 ପ୍ରକାଶିତ ଖୁତ୍‌ବା ଜୁମା ତା- 24 MARCH 2023 ର ଅବଶିଷ୍ଟାଂଶ..........

## ଖୁତବା ଜୁମା 24-03-2023

କୌଣସି ଦୋଷ ଦୁର୍ବଳତା ନାହିଁ ଯାହାକି ମୋ ଠାରେ ବିଦ୍ୟାମନ ନାହିଁ। କିନ୍ତୁ ଏହି ସମସ୍ତ କଥା ବ୍ୟତୀତ ସମସ୍ତ ସଂସାରର ଦୋଷ ଦୁର୍ବଳତା ମୋ ଠାରେ ବିଦ୍ୟମାନ ରହିଛି ଏବଂ ପ୍ରତ୍ୟେକ ପ୍ରକାରର ଅନ୍ୟାୟ, ଅତ୍ୟାଚାର ମୋ ଆତ୍ମାରେ ଭର୍ତ୍ତି ହୋଇ ରହିଛି ଓ ଅନେକ ଲୋକମାନଙ୍କର ଧନକୁ ମୁଁ ଅନ୍ୟାୟ ଓ ଅନୀତି ଉପାୟର ହଡ଼ପ କରିନେଇଛି । ଅନେକ ଲୋକମାନଙ୍କୁ (ଯେଉଁମାନେ ଦେବସୁଲଭ ପବିତ୍ର ଥିଲେ) ମୁଁ ଗାଳିଗୁଲଚ କରିଛି, ପବିତ୍ରବାନ୍ ବ୍ୟକ୍ତିମାନଙ୍କୁ ମୁଁ ନିନ୍ଦା ଓ ଅପବାଦ୍ ଦେଇଛି, ପ୍ରତ୍ୟେକ ପ୍ରକାରର କୁକର୍ମ ତଥା ଠକାମୀରେ ମୁଁ ଯଦି ସର୍ବାଧିକ ଭାବରେ ଲିପ୍ତ ତେବେ ତହିଁରେ କେଉଁ ଭେଦ ରହିଛି ଯେ, ପାପ ଓ ପାପୀ, ସତ୍ତକ ହନନକାରୀ ଓ ମିଥ୍ୟାବାଦୀ ତ' ମୁଁ ଥିଲି ହିଁ କିନ୍ତୁ ମୋ ବିପକ୍ଷରେ ପ୍ରତ୍ୟେକ ଦେବଦୂତ ସୁଲଭ ବ୍ୟକ୍ତିର ଜୀବନୀ ଯେତେବେଳେ ସାମ୍ନାକୁ ଆସିଲା ସେତେବେଳେ ସେହି ପୁଣ୍ୟବାନ୍ ସଦାଚାରୀ ବ୍ୟକ୍ତିମାନେ ହିଁ ପ୍ରଥମେ ମୃତ୍ୟୁବରଣ କଲେ । ଯେଉଁମାନେ ମୋ ସହିତ ମୁବାହିଲା (ପରସ୍ପର ଉପରେ ଅଭିଶାପ ପକାଇବା) କଲେ ସେମାନେ ମୃତ୍ୟୁବରଣ କଲେ ଏବଂ ସର୍ବସ୍ୱାନ୍ତ ହେଲେ । ଯିଏ ମୋ ଉପରେ ଅଭିଶାପ ପକାଇଲା ତା'ରି ଅଭିଶାପ ତା'ରି ଉପରେ ହିଁ ପଡ଼ିଲା। ଯେଉଁ ବ୍ୟକ୍ତି ମୋ ବିପକ୍ଷରେ ନ୍ୟାୟଳର ଦ୍ୱାରସ୍ଥ ହୋଇ ମୋ ଉପର କୌଣସି ମକଦ୍ଦମା ଦାଏର୍ କଲା ସେ ହିଁ ପରାଜିତ ହେଲା । ମୁଁ ଯଦି ପ୍ରତ୍ୟେକ କ୍ଷେତ୍ରରେ ଦାୟି ଓ ଦୋଷୀ, ମୋ ଠାରେ ସମସ୍ତ ଦୁର୍ଗୁଣ ରହିଛି । କିନ୍ତୁ ମୋ ବିପକ୍ଷରେ ଯିଏବି ଆସିଲା ଅଲ୍ଲାଃତାଲା ତାକୁ ସମାପ୍ତ କରିଦେଲେ ଏବଂ ମୋତେ ବିଜୟ ବିମଣ୍ଡିତ କଲେ । ମୋ ଉପରେ ଏହି ଆରୋପଗୁଡ଼ିକ ଲାଗିଲା ତାହା କେଡ଼େ ବିଚିତ୍ର ଓ ଅଦ୍ଭୁତ ପ୍ରକାରର ?

ହ. ମସିହ୍ ମଉଦ୍ ଅ.ସ ଉକ୍ତ ପୁସ୍ତକରେ ଅନେକ ଉଦାହରଣ ଉପସ୍ଥାପିତ କରିଛନ୍ତି । ଯଦି କୌଣସି ବ୍ୟକ୍ତି ଏହାକୁ ପାଠ କରେ ତେବେ ତାହାକୁ ଅସଂଖ୍ୟ ପ୍ରସଙ୍ଗ ତଥା ନିଦର୍ଶନ ଦୃଶ୍ୟମାନ ହେବ । ଆପଣ ଅ.ସ କୁହନ୍ତି" ଏହିଭଳି ସଂଗ୍ରାମ ସମୟରେ ପକ୍ଷେ ଏହା ଉଚିତ୍ ଥିଲା କି ମୁଁ ମୃତ୍ୟୁବରଣ କରିଥାଆନ୍ତି, ମୋ ଉପରେ ବଜ୍ରପାତ ହୋଇଥାଆନ୍ତା । ସୁତରାଂ ମୁଁ ଯଦି ଏପରି ଚୋର, ଖଣ୍ଡ, ଲମ୍ପଟ ହୋଇଥାଆନ୍ତି ତେବେ ଅନ୍ୟମାନଙ୍କୁ ମୋ ବିପକ୍ଷରେ ଛିଡ଼ା ହେବାର ଆବଶ୍ୟକତା ନଥିଲା । କାରଣ ଅଲ୍ଲାଃତାଲା ଦୋଷୀ ଓ ପାପୀଙ୍କର ଶତ୍ରୁ ଅଟନ୍ତି । ତେଣୁ ମୁଁ ଯଦି ଏମିତି ଅପରାଧ କରିଛି ତେବେ ପ୍ରଭୁ ସ୍ୱୟଂ ହିଁ ମୋର ଶତ୍ରୁ ହୋଇ ଯାଇଥାଆନ୍ତେ । ଅଲ୍ଲାଃତାଲା ସଂସାରରେ ଉପଦ୍ରବ ଓ ହିଂସା ପସନ୍ଦ କରନ୍ତି ନାହିଁ ।

ସୁତରାଂ ପ୍ରଭୁଙ୍କ ସକାଶେ ବିଚାର କର ଯେ, ଏହି ପ୍ରତିକୁଳ ପ୍ରଭାବ କାହିଁକି ପ୍ରକାଶିତ ହେଲା, ମୋ ବିପକ୍ଷରେ କାହିଁକି ସାଧୁଜନମାନେ ନିହତ ହେଲେ, ଯେଉଁମାନେ ନାମକୁ ମାତ୍ର ପୁଣ୍ୟବାନ୍ ଥିଲେ ସେମାନଙ୍କ ବିପରୀତ ପ୍ରତ୍ୟେକ ସଂଗ୍ରାମରେ ପ୍ରଭୁ ମୋତେ ଉଦ୍ଧାର କଲେ । ତେବେ କ'ଣ ତହିଁରୁ ମୋର ଚମତ୍କାରିକତା ସାବ୍ୟସ୍ତ ହେଉ ନାହିଁ କି ? ତୁମେମାନେ ମୋ ଉପରେ ଯେଉଁ ଦୋଷାରୋପଣ କରୁଛ ଏହା ମଧ୍ୟ ମୋର ଚମତ୍କାରିକତା ଓ ଏହା ଦ୍ୱାରା ମଧ୍ୟ ମୋର ସତ୍ୟତା ସାବ୍ୟସ୍ତ ହେଉଅଛି । ସୁତରାଂ ଏହି କୃତଜ୍ଞତା ଯେ, ମୋ ଆଡ଼କୁ ଯେଉଁ କୁକର୍ମ, ପାପ ଇଙ୍ଗିତ କରାଯାଇଛି ତାହା ମଧ୍ୟ ମୋର ଚମତ୍କାରିକତା ହିଁ ସାବ୍ୟସ୍ତ ହୋଇଥାଏ ।" **(ହକିକତୁଲ୍ ୱହି, ରୁହାନୀ ଖଜାଏନ୍, ଭାଗ-22, ପୃ-2)**

ହୁଜୁର୍ ଅନ୍‌ୱର୍ ଅ.ବ କହିଲେ: ସେ ଯାହା ହେଉ ଆପଣଙ୍କ ଦ୍ୱାରା ପ୍ରଦତ୍ତ ଏହି କେତେକ ଉଦାହରଣ ଓ ପ୍ରସଙ୍ଗମୂଳକ ପ୍ରାମାଣ୍ୟର ସଂକ୍ଷିପ୍ତ ଚର୍ଚ୍ଚା ମୁଁ ଏଠାରେ ବର୍ଣ୍ଣନା କରିଛି । ଏପରି ହୁଅାନ୍ତା କି ବିରୋଧୀମାନେ ଆପଣ ଅ.ସଙ୍କ ପୁସ୍ତକକୁ ପାଠ କରନ୍ତୁ । ଆପଣ ଅ.ସଙ୍କ ସପକ୍ଷରେ ପ୍ରଭୁଙ୍କର ସମର୍ଥନ ଓ ନିଦର୍ଶନକୁ ଅବଲୋକନ କରନ୍ତୁ ଯାହା କେବଳ ପୃଷ୍ଠା ମଧ୍ୟରେ ସୀମିତ ନୁହନ୍ତି । ବରଂ ଅନେକ ପୁସ୍ତକ ସମ୍ବଳିତ ନିଦର୍ଶନ ଅଟନ୍ତି । ଯୁଗରୁଚିକୁ ଅବଲୋକନ କରନ୍ତୁ । ଯୁଗର ଆବଶ୍ୟକତାନୁଯାୟୀ ସ୍ୱୟଂ ଏହି ଆପତ୍ତିକର୍ତ୍ତା ବିଦ୍ୱାନ୍‌ମାନେ ମଧ୍ୟ ଉକ୍ତ କଥାର ସ୍ୱୀକାରୋକ୍ତି ପ୍ରକାଶ କରନ୍ତି ଯେ, ସଂପ୍ରତିକ ଯୁଗ କୌଣସି ଏକ ସୁଧାରକ ତଥା ମେହଦୀଙ୍କୁ ଆବଶ୍ୟକ କରିଥାଏ । କିନ୍ତୁ ତଥାପି ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ସେହି ପ୍ରେରିତ ବ୍ୟକ୍ତିର ସେମାନେ କେବଳ ନିଜେ ପ୍ରତ୍ୟାଖ୍ୟାନ କରୁଛନ୍ତି ତାହା ନୁହେଁ ବରଂ ସେମାନେ ସାଧାରଣ ମୁସଲମାନମାନଙ୍କୁ ମଧ୍ୟ ଭ୍ରମିତ କରାଉଛନ୍ତି ।

ହୁଜୁର ଅନ୍ୱର୍ ଅ.ବ କହିଲେ: ଆକାଶୀୟ ନିଦର୍ଶନ ପୂର୍ଣ୍ଣ ହେଲା, ଆଁହଜରତ ସ.ଅଙ୍କର ଭବିଷ୍ୟତବାଣୀ ସଂପୂର୍ଣ୍ଣ ହେଲା, କିନ୍ତୁ ଏହି ନାମକୁ ମାତ୍ର ବୋଲାଉଥିବା ବିଦ୍ୱାନ୍‌ମାନେ ନିଜର ହତଭାଗ୍ୟତାକୁ ଆମନ୍ତ୍ରିତ କରୁଛନ୍ତି । ସେମାନେ ଏଥିପ୍ରତି ଦୃଷ୍ଟିପାତ କରନ୍ତି ନାହିଁ । ଆଜି ଯଦି ମୁସଲମାନମାନେ ଉକ୍ତ ବାସ୍ତବତାକୁ ହୃଦୟଙ୍ଗମ କରି ନିଅନ୍ତି ଯେ, ଯେଉଁ ମସିହ୍ ଓ ମେହ୍‌ଦୀଙ୍କର ଆଗମନ ଘଟିବାର ଥିଲା ସେ ଆସିଯାଇଛନ୍ତି ଏବଂ ଆହଜରତ ସ.ଅଙ୍କର ପ୍ରକୃତ ପ୍ରେମିକ ଓ ସତ୍ୟବାଦୀ ଦାସ ଏହି ମିର୍ଜା ଗୁଲାମ୍ ଅ.ସ ଅଟନ୍ତି, ତାହାଙ୍କର ବୈଅତ୍ କରିବା ଆଁହଜରତ ସ.ଅଙ୍କ ଆଦେଶାବଳୀ ଅନୁଯାୟୀ ଆବଶ୍ୟକୀୟ ଏବଂ ପୂର୍ଣ୍ଣ ବିଶ୍ୱସ୍ତତାର ସହିତ ତାହାଙ୍କର ବୈଅତ୍ କରି ତାହାଙ୍କ ଜମାଅତ୍‌ରେ ସାମିଲ ହୋଇଯାଆନ୍ତି ତାହାହେଲେ ମୁସଲମାନମାନଙ୍କୁ ପ୍ରତିଶ୍ରୁତ ମସିହ୍‌ଙ୍କୁ ସ୍ୱୀକାର କରିବା ପରେ ସଂସାରରେ ନିଜର ଶ୍ରେଷ୍ଠତ୍ୱ ପ୍ରତିପାଦିତ ତଥା ସାବ୍ୟସ୍ତ କରିପାରିବେ । ଅଲ୍ଲାଃତାଲାଙ୍କ କୃପାକୁ ପ୍ରାପ୍ତକାରୀ ବ୍ୟକ୍ତିରେ ପରିଣତ ହୋଇପାରିବେ। ଅନ୍ୟଥା ସେମାନଙ୍କର ଏହି ସମଦଶା ରହିବ ଯାହା ଆଜି ହେଉଅଛି ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ରମଜାନ୍ ମାସରେ ଅହେମଦିମାନେ ଯେଉଁଠି ନିଜ ନିମନ୍ତେ ପ୍ରାର୍ଥନା କରନ୍ତୁ, ଜମାଅତ୍ ବିରୁଦ୍ଧରେ ଦେଖା ଦେଉଥିବା ପ୍ରତ୍ୟେକ ପ୍ରକାରର ଉପଦ୍ରବ ଠାରୁ ସୁରକ୍ଷିତ ରହିବା ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ, ସେଠାରେ ଅହେମଦିମାନଙ୍କୁ ସମଗ୍ର ମୁସଲମାନ ସଂପ୍ରଦାୟ ସକାଶେ ମଧ୍ୟ ପ୍ରାର୍ଥନା କରିବା ଉଚିତ୍ । ଅଲ୍ଲାଃତାଲା ସେମାନଙ୍କର ଆଖି ଫିଟାଇ ଦିଅନ୍ତୁ ଏବଂ ସେମାନଙ୍କୁ ଅନ୍ଧକାରରୁ ମୁକ୍ତି ପ୍ରଦାନ କରନ୍ତୁ । ସେମାନେ ଏହି କଥାକୁ ବୁଝି ନିଅନ୍ତୁ ଯେ, ଅବତାରତ୍ୱର ପରିସମାପ୍ତିକୁ ପ୍ରକୃତ ରୂପେ ଯଦି କୌଣସି ବ୍ୟକ୍ତି ବୁଝିଛନ୍ତି ତେବେ ସେହି ଯୁଗପୁରୁଷ ହେଉଛନ୍ତି ହ. ମିର୍ଜା ଗୁଲାମ୍ ଅହେମଦ କାଦିୟାନୀ ଅ.ସ ମସିହ୍ ମଉଦ୍ ଓ ମେହେଦୀ ମାହୃଦ୍ ଅ.ସ ଏବଂ ଆପଣ ଅ.ସଙ୍କ ଜମାଅତ୍ ହିଁ ଅଟେ ।

ହୁଜୁର ଅନ୍‌ୱର୍ ଅ.ବ କହିଲେ, ପାକିସ୍ତାନର ଅହେମଦିମାନଙ୍କୁ ବିଶେଷ ରୂପେ ନିଜ ଦେଶ ପାଇଁ ଦୁଆ କରିବା ଉଚିତ ଏବଂ ଜମାଆତ୍‌ର ସଦସ୍ୟବୃନ୍ଦଙ୍କୁ ପାକିସ୍ତାନର ଅହେମଦିମାନଙ୍କ ପାଇଁ ବିଶେଷ ରୂପେ ଦୁଆ କରିବା ଉଚିତ । ଅଲ୍ଲାଃତାଲା ଉପଦ୍ରବକାରୀ ଓ ମନ୍ଦ ଉଦ୍ଦେଶ୍ୟକାରୀ, ସ୍ୱାର୍ଥପର ରାଜନେତା ଓ ମୌଲବୀମାନଙ୍କ ଠାରୁ ଦେଶକୁ ସୁରକ୍ଷିତ ରଖନ୍ତୁ । ସେଠିକାର ଅନ୍ୟ ମୁସଲମାନମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ ।

ସେହିପରି ବୁର୍କିନାଫାସୋର ଅହେମିଦମାନଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରନ୍ତୁ । ସେହିପରି ବାଂଲାଦେଶର ଅହେମଦିମାନଙ୍କ ପାଇଁ ମଧ୍ୟ ବିଶେଷ ରୂପେ ପ୍ରାର୍ଥନା କରନ୍ତୁ । ସେଠାରେ ମଧ୍ୟ ପ୍ରତ୍ୟେକ ଶୁକ୍ରବାର ଦିନ ବିପଦର ଆଶଙ୍କା ଘନୀଭୂତ ହେଉଅଛି । ଅଲ୍ଲାଃତାଲା ସେମାନଙ୍କୁ ପ୍ରତ୍ୟେକ ବିପଦ ଓ ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ପୃଥିବୀ ବ୍ୟାପୀ ସମଗ୍ର ଅହେମଦିମାନଙ୍କ ପାଇଁ ମଧ୍ୟ ଦୁଆ କରନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ସମସ୍ତ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ। ପ୍ରତ୍ୟେକ ଅହେମଦିକୁ ଅବିଚଳତା ପ୍ରଦାନ କରି ବିଶ୍ୱାସରେ ଅଭିବୃଦ୍ଧି କରାନ୍ତୁ ।

ସମଗ୍ର ପୃଥିବୀ ଆଜି ବିନାଶ ଗର୍ତ୍ତର ମୁହାଣରେ ଛିଡ଼ା ହୋଇଛି । ତେଣୁ ପୃଥିବୀକୁ ଧ୍ୱଂସ ମୁଖରୁ ରକ୍ଷା ପାଇବା ପାଇଁ ମଧ୍ୟ ଦୁଆ କରନ୍ତୁ । ପୃଥିବୀବାସୀ ପ୍ରତ୍ୟକ୍ଷ ଯୁଦ୍ଧ ଆଡ଼କୁ ଗତିଶୀଳ । ବିନାଶ ଏଇଥି ପାଇଁ ଆସିଥାଏ ଯେ, ମନୁଷ୍ୟ ଚାରିତ୍ରିକ ମନ୍ଦତା, ଚାରିତ୍ରିକ ସ୍ଖଳନ ଚରମ ସୀମାରେ ପହଞ୍ଚି ଯାଇଛି ଏବଂ ଏହି ଲୋକମାନେ ଯେଉଁଭଳି ଭାବରେ ପ୍ରଭୁଙ୍କ ଠାରୁ ଦୂରେଇ ଯାଉଛନ୍ତି ସେମାନେ ଅଲ୍ଲାଃତାଲାଙ୍କର କ୍ରୋଧକୁ ଆହୁରି ଅଭିବୃଦ୍ଧିକାରୀ ବ୍ୟକ୍ତି ରୂପେ ବିବେଚିତ ହୋଇ ନଯାଆନ୍ତୁ । ଫଳତଃ ପ୍ରଭୁଙ୍କ କୋପ ଏବଂ ତାହାଙ୍କ ଶାସ୍ତି ସେମାନଙ୍କ ଉପରେ ଅବତୀର୍ଣ୍ଣ ହୋଇ ନହୋଇ ।ଖୁତ୍‌ବା ଶେଷରେ ହୁଜୁର ଅନ୍‌ୱର୍ ଅ.ବ କହିଲେ: ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ଉକ୍ତ କୁପରିଣତି ଠାରୁ ସୁରକ୍ଷିତ ରଖନ୍ତୁ । ଅହେମଦିମାନଙ୍କୁ ନିଜର କର୍ତ୍ତବ୍ୟ ଓ ଅଧିକାର ସମ୍ପାଦନ କରିବାକୁ ଅଲ୍ଲାଃତାଲା ସାମର୍ଥ୍ୟ ପ୍ରଦାନ କରନ୍ତୁ ଏବଂ ପ୍ରତ୍ୟେକ ପ୍ରକାରର ବିପତ୍ତି ଠାରୁ ସୁରକ୍ଷିତ ରହି ନିଜକୁ ଓ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ନିଜର ଆଶ୍ରୟକୁ ନେଇ ଆସନ୍ତୁ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ: ମୁଁ ଏହା ମଧ୍ୟ ଘୋଷଣା କରିଦେବାକୁ ଚାହେଁ ମାର୍ଚ୍ଚ ମାସ 23 ତାରିଖ ଦିନ ଅଲ୍ ଫଜଲ୍ ଇଣ୍ଟରନ୍ୟାସ୍‌ନାଲ୍ ଯାହା ସାପ୍ତାହକୁ ଦୁଇ ଥର ପ୍ରକାଶିତ ହେଉଥିଲା ବର୍ତ୍ତମାନ ଠାରୁ ତାହା ଦୈନିକ ଆକାରରେ ପ୍ରକାଶିତ ହେବା ଆରମ୍ଭ ହୋଇଯାଇଛି । ସୁତରାଂ ହୁଜୁର ଅନ୍‌ୱର୍ ଅ.ବ ଅଲ୍‌ଫଜଲ୍‌ର ଦୈନିକ ହେବାର ବିଧିବଦ୍ଧ ଘୋଷଣା କଲେ ।

ସେହିପରି ଉକ୍ତ ପତ୍ରିକାକୁ ପଢ଼ିବା ଏବଂ କ୍ରୟ କରିବା ପ୍ରତି ଜମାଅତ୍‌ର ସଦସ୍ୟବୃନ୍ଦଙ୍କୁ ଆହ୍ୱାନ ଜଣାଇ ଅଲ୍‌ଫଜଲ୍‌ରେ ନିଜର ପ୍ରବନ୍ଧ ଓ ଆଲେଖ୍ୟ ଲେଖୁଥିବା ପ୍ରାବନ୍ଧିକମାନଙ୍କ ନିମନ୍ତେ ପ୍ରାର୍ଥନାମୂଳକ ଆଶୀର୍ବଚନ ମାଧ୍ୟମରେ ସେମାନଙ୍କୁ ହୁଜୁର ଅନ୍‌ୱର ଅ.ବ ପୁରସ୍କୃତ କଲେ ଏବଂ ଅଲ୍ଲାଃତାଲାଙ୍କ ନିକଟରେ ପ୍ରାର୍ଥନା କଲେ ଯେ, ଅଲ୍ଲାଃତାଲା ସମସ୍ତଙ୍କୁ ଉକ୍ତ ଆଧ୍ୟତ୍ମିକ ଆହାରରୁ ଉପକୃତ ହେବା ନିମନ୍ତେ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ । **(ରୋଜନାମା ଅଲ୍‌ଫଜଲ୍ ଇଣ୍ଟରନେସନାଲ୍, 14 ଏପ୍ରିଲ୍ 2023 ମସିହା, ପୃ-2-7)**

☆ ☆ ☆

# (ଖୁତ୍‌ବା ଜୁମା)

"ଯଦି ଆମେମାନେ ରମଜାନ୍ ମାସରୁ ପ୍ରକୃତ ରୂପେ ଲାଭାନ୍ୱିତ ହେବାକୁ ଚାହୁଁଛେ ତେବେ ଆମମାନଙ୍କୁ ନିଜର ଉପାସନା ସହିତ ପବିତ୍ର କୁରାନ୍ କରୀମ୍‌ର ତିଲାୱତ୍ ଓ ଏହା ଉପରେ ବିଶେଷ ରୂପେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ।" (ହ. ମସିହ୍ ମଉଦ୍ ଅ.ସ)

**ଆମମାନଙ୍କୁ ମଧ୍ୟ ଉକ୍ତ ମାସରେ ପବିତ୍ର କୁରଆନ୍ କରୀମ୍ ପାଠ କରିବା ଓ ଶୁଣିବା ପ୍ରତି ବିଶେଷ ରୂପେ ଆଗ୍ରହ ପ୍ରକାଶ କରିବା ତଥା ତଫସିର୍ ପାଠ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ । ଏମ୍.ଟି.ଏରେ ମଧ୍ୟ ରମଜାନ୍ ମାସ ସଂପର୍କିତ କାର୍ଯ୍ୟକ୍ରମମାନ ପ୍ରସାରଣ କରାଯାଇଥାଏ, ଦରସ୍ ମଧ୍ୟ ପ୍ରସାରଣ କରାଯାଇଥାଏ । ତେଣୁ ଆପଣମାନେ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଅର୍ଥାତ୍ ଧ୍ୟାନପୂର୍ବକ ସେହି କାର୍ଯ୍ୟକ୍ରମଗୁଡ଼ିକୁ ଦେଖନ୍ତୁ ।**

"ପବିତ୍ର କୁରଆନ୍ ସହିତ ଏହାର ଅନୁବାଦ ଓ ତାହାର ବ୍ୟାଖ୍ୟାକୁ ଯଦି ଆମେମାନେ ପଢ଼ୁ ତାହାହେଲେ ଆମେମାନେ ସେହି ଆଦେଶାବଳୀର ପ୍ରାସଙ୍ଗିକତା ତଥା ମହତ୍ତ୍ୱକୁ ବୁଝି ପାରିବୁ ଯାହା ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇଛି । ସେହି ଆଦେଶାବଳୀଗୁଡ଼ିକୁ ଆମେମାନେ ନିଜ ଜୀବନର ଅଭିନ୍ନ ଅଙ୍ଗ ରୂପେ ପରିଗଣିତ କରିପାରିବୁ । ନିଜ ଜୀବନକୁ ପବିତ୍ର କୁରଆନ୍‌ର ଶିକ୍ଷାନୁଯାୟୀ ପରିଚାଳିତ କରିବାକୁ ସକ୍ଷମ ହୋଇ ପାରିବୁ ଏବଂ ଅଲ୍ଲାଃତାଲାଙ୍କର କୃପାକୁ ପ୍ରାପ୍ତକାରୀ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବୁ ।"

**ପବିତ୍ର କୁରାନ୍ କରୀମ୍ ସାର୍ବକାଳୀନ ଓ ଚିର ଧର୍ମବିଧାନମୂଳକ ଧର୍ମଗ୍ରନ୍ଥ ଅଟେ ।**

"ଆଁହଜରତ ସ.ଅଙ୍କ ସତ୍‌ସାହସ, ସାମର୍ଥ୍ୟ ଓ ଦୃଢ଼ମନୋବଳର ପରିସର ଅତ୍ୟନ୍ତ ବ୍ୟାପକ ଥିଲା ।
ତେଣୁ ଆପଣ ସ.ଅଙ୍କୁ ଯେଉଁ ବାଣୀ ପ୍ରାପ୍ତି ହେଲା ତାହା ମଧ୍ୟ ସେହି ସ୍ତରର ଓ ମର୍ଯ୍ୟାଦା ଅଟେ । ଯେଉଁ ସାହସ, ମନୋବଳ ଅନ୍ୟ କୌଣସି ବ୍ୟକ୍ତି ମଧ୍ୟରେ ସୃଷ୍ଟି ହୋଇପାରିବ ନାହିଁ ।"

**ପବିତ୍ର କୁରାନ୍ କରୀମ୍ ସକଳ ଶିକ୍ଷାର ଗନ୍ତାଘର ଅଟେ । ପବିତ୍ର କୁରାଆନ୍ କରୀମ୍‌ର ପ୍ରତ୍ୟେକଟି ଆଦେଶାବଳୀ ଆଭିପ୍ରାୟିକ ଓ ମାର୍ମିକ ଅଟେ । ତହିଁରେ ସଂଶୋଧନ ପକ୍ଷ ଅନ୍ତର୍ନିହିତ ରହିଛି ।**

ଆମମାନଙ୍କୁ ପବିତ୍ର କୁରଆନ୍ କରୀମକୁ ଏହି ଦୃଷ୍ଟିରେ ପାଠ କରିବା ଉଚିତ୍ ଓ ବୁଝିବା ଉଚିତ୍ । ଆଜିକାଲି ସ୍ୱାଧୀନତା ନାଁରେ ଛୋଟ ବଡ଼ଙ୍କ ମସ୍ତିଷ୍କକୁ ମଧ୍ୟ ବିଷାକ୍ତମୟ କରିବାକୁ ଯେଉଁ ଅପଚେଷ୍ଟା କରାଯାଉଛି ତହିଁରୁ ସୁରକ୍ଷିତ ରହିବାକୁ ହେବ । ଆମମାନଙ୍କୁ (ଅହେମଦିମାନଙ୍କୁ) ସର୍ବଦା ନିଜର ଆତ୍ମ ସମୀକ୍ଷା କରିବା ଉଚିତ୍ । କାରଣ ଆମେମାନେ ଯଥାସମ୍ଭବ ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ହୃଦୟଙ୍ଗମ କରିବାକୁ ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିବା ଉଚିତ୍ ।

**ରମଜାନ୍ ମାସରେ ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍ ।**

ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ସମସ୍ତ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ପ୍ରତ୍ୟେକ ଅହେମଦିକୁ ଅବିଚଳତା ପ୍ରଦାନ କରି ବିଶ୍ୱାସରେ ଅଭିବୃଦ୍ଧି କରନ୍ତୁ ଓ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଯେଉଁ ବ୍ୟକ୍ତିମାନଙ୍କର ସଂଶୋଧନ ହୋଇପାରିବ ନାହିଁ ସେମାନଙ୍କୁ ଉଚିତ ଶାସ୍ତି ପ୍ରଦାନ କରି ସେମାନଙ୍କୁ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ନିଦର୍ଶନ କରି ଦିଅନ୍ତୁ । କାରଣ ଅନ୍ୟ ଲୋକମାନେ ଅଲ୍ଲାଃତାଲାଙ୍କର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ ।

**ପୃଥିବୀର ସାମଗ୍ରିକ ପରିସ୍ଥିତ ସାମାନ୍ୟ ହେବା ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ ।**

ପବିତ୍ର ମହାତ୍ମା ହ. ମସିହ୍ ମଉଦ୍ (ପ୍ରତିଶୃତ ମସିହ୍ ଅ.ସ)ଙ୍କ ବ୍ରହ୍ମଜ୍ଞାନ ସମ୍ପନ୍ନ ଉପଦେଶାବଳୀ ପ୍ରକାଶରେ ପବିତ୍ର କୁରଆନ୍ କରୀମ୍‌ର ମାହାତ୍ମ୍ୟ, ମର୍ଯ୍ୟାଦା ଓ ଶ୍ରେଷ୍ଠତାର ବର୍ଣ୍ଣନା ।

**ପ୍ରତ୍ୟେକ ଅହେମଦିକୁ ପ୍ରତ୍ୟେକ ପ୍ରକାରର ଉପଦ୍ରବତା ଠାରୁ ସୁରକ୍ଷିତ ରହିବା ନିମନ୍ତେ ଦୁଆ କରନ୍ତୁ, ଯେଉଁ ବ୍ୟକ୍ତିମାନଙ୍କର ସଂଶୋଧନ ହୋଇପାରିବ ନାହିଁ ସେମାନଙ୍କୁ ଉଚିତ ଶାସ୍ତି ପ୍ରଦାନ କରି ସେମାନଙ୍କୁ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ନିଦର୍ଶନ କରି ଦିଅନ୍ତୁ, ପବିତ୍ର ରମଜାନ୍ ମାସରେ ବିଶେଷ ରୂପେ ଦୁଆ କରିବା ପ୍ରତି ହୁଜୁର ଅନ୍‌ୱର୍ ଅ.ବଙ୍କ ଆହ୍ୱାନ ।**

ପଶ୍ଚିମ ଆଫ୍ରିକାର ପୂର୍ବତନ ମୁବଲ୍ଲିଗ୍ ସିଲ୍‌ସିଲା ମମୌଲାନା ମୁନଓର୍ ଅହେମଦ ଖୁର୍ଶିଦ୍ ସାହେବ ଓ ପାକିସ୍ତାନର ଇକ୍‌ବାଲ୍ ଅହେମଦ ମୁନୀର ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର ବିୟୋଗ ଓ କାଦିଆନ୍‌ର ମୃତକା ସୟେଦା ନୁସ୍‌ରତ୍ ଜାହାଁ ବେଗମ୍ ସାହେବାଙ୍କର ଉତ୍ତମ ଚର୍ଚ୍ଚା ଓ ନମାଜ ଯନାଜାଃ ଗାଏବ୍ ।

**ଅଲ୍ଲାଃତାଲାଙ୍କ ବାଣୀ**

"ୱମା ଅର୍‌ସଲ୍‌ନାକା ଇଲ୍ଲା ରହ୍‌ମତନ୍ ଲିଲ୍ ଆଲମିନ୍ ।"
(ଅଲ୍ ହଜ୍:31)

ଅର୍ଥାତ ହେ ମୁହମ୍ମଦ ସ.ଅ ଆମ୍ଭେ ତୁମକୁ ସମଗ୍ର ସଂସାରବାସୀଙ୍କ ନିମନ୍ତେ କେବଳ କରୁଣା ରୂପେ ଗଢ଼ି ପ୍ରେରଣ କରିଛୁ ।

ତାଲିବେ ଦୁଆ: Sarafat Ali Khan, S/o- Manwar Ali Khan , Jamat Ahmadiya Karadapalli (Odisha)

**ଅଲ୍ଲାଃତାଲାଙ୍କ ବାଣୀ**

"ଲନ୍ ତନାଲୁଲ୍ ବିର୍‌ରା ହତ୍ତା ତୁନ୍‌ଫିକୁ ମିମ୍ମା ତୁହିବ୍ବୁନ୍ ।"
(ଆଲେ ଇମ୍ରାନ୍ :93)

ଅର୍ଥାତ ଯେପର୍ଯ୍ୟନ୍ତ ତୁମେମାନେ ଅଲ୍ଲାଃତାଲାଙ୍କ ଉଦ୍ଦେଶ୍ୟରେ ନିଜର ପ୍ରିୟ ଧନକୁ ବ୍ୟୟ କରିଦେଇ ନାହଁ ସେପର୍ଯ୍ୟନ୍ତ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ଲାଭ କରିପାରିବ ନାହିଁ ।

ତାଲିବେ ଦୁଆ: Sheikh Ghulam Ahmad & Family, Jamat Ahmadiya Kerang, Darul Barkat (Odisha)

## ଖୁତ୍‌ବା ଜୁମା ସୟେଦିନା ହ. ଅମୀରୁଲ୍ ମୁମିନିନ୍ ହ. ମିର୍ଜା ମସ୍‌ରୁର ଅହେମଦ୍ ଖଲିଫତୁଲ୍ ମସିହ୍ ଖାମିସ୍‌[ଅ.ବ]ଙ୍କ ଦ୍ୱାରା ପ୍ରଦତ୍ତ ଖୁତ୍‌ବା 24 March 2023 ମସିହା ଅନୁଯାୟୀ ୨୪ ଅମାନ୍ / ୧୪୦୨ସ ହିଜ୍ରୀ ଶମ୍‌ଶୀ, ସ୍ଥାନ-ମସ୍‌ଜିଦ୍ ମୁବାରକ ଇସ୍‌ଲାମାବାଦ୍ ଟେଲ୍‌ଫୋର୍ଡ଼ (ସରେ) ୟୁ.କେ ।

ଖୁତ୍‌ବାର ଏହି ମଧ୍ୟବର୍ତ୍ତୀ ଟୀକା ବଦର୍‌ର ସମ୍ପାଦକୀୟ ମଣ୍ଡଳୀ ଓ ଅଲ୍‌ଫଜଲ୍‌ର ସମ୍ପାଦକୀୟ ମଣ୍ଡଳୀଙ୍କ ପକ୍ଷରୁ କୃତଜ୍ଞତା ସହିତ ପ୍ରକାଶିତ କରାଯାଉଛି ।

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَ رَسُوْلُهٗ۔ أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ۔ بِسْمِ اللّٰهِ الرَّحْمٰنِ الرَّحِيْمِ۔ اَلْحَمْدُلِلّٰهِ رَبِّ الْعَالَمِيْنَ۔ اَلرَّحْمٰنِ الرَّحِيْمِ ۔ مٰلِكِ يَوْمِ الدِّيْنِ ۔اِيَّا كَ نَعْبُدُ وَ اِيَّاكَ نَسْتَعِيْنُ۔ اِهْدِنَا الصِّرَاطَ الْمُسْتَقِيْمَ ۔صِرَاطَ الَّذِيْنَ اَنْعَمْتَ عَلَيْهِمْ ۔غَيْرِالْمَغْضُوْبِ عَلَيْهِمْ وَلَاالضَّآلِّيْنَ۔

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି କରିବା ପରେ ହୁଜୁର ଅନ୍‌ୱର୍ ଅୟେଦହୁଲ୍ଲାଃହୁ ତାଆଲା ବନିସ୍ରେହିଲ୍ ଅଜିଜ୍ କହିଲେ; ଆଜିକାଲି ଆମେମାନେ ପବିତ୍ର ରମ୍‌ଜାନ୍ ମାସ ଦେଇ ଅତିକ୍ରମ କରୁଛେ । ଏହି ମାସଟି ଏଭଳି ଏକ ମାସ ଯହିଁରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥାଏ । ମୁସଲମାନମାନେ ଓଷା ରଖିବା ସହିତ ଉପାସନା ପ୍ରତି ଅଧିକ ଧ୍ୟାନ ଦେଇଥାନ୍ତି । ଲୋକମାନେ ଉକ୍ତ ମାସରେ ପବିତ୍ର କୁରଆନ୍ ପାଠ କରିବା ଓ ଶୁଣିବା ପ୍ରତି ବିଶେଷ ରୂପେ ଆଗ୍ରହ ପ୍ରକାଶ କରିଥାଆନ୍ତି । ଯଦି ଓଷାରୁ ପ୍ରକୃତ ରୂପେ ଲାଭବାନ ହେବାକୁ ଇଚ୍ଛୁକ ତେବେ ପବିତ୍ର କୁରଆନ୍ ପାଠ କରିବା ପ୍ରତି ଅଧିକ ଧ୍ୟାନ ଦେବା ଉଚିତ୍। ରମ୍‌ଜାନ୍ ମାସ ସହିତ ପବିତ୍ର କୁରଆନ୍ କରୀମ୍‌ର ଏକ ପ୍ରକାରର ବିଶେଷ ସଂପର୍କ ରହିଛି। ତତ୍‌ସଂପର୍କରେ ଅଲ୍ଲାଃତାଲା ପବିତ୍ର କୁରଆନ୍‌ରେ କୁହନ୍ତି: شَهْرُ رَمَضَانَ الَّذِیْۤ اُنْزِلَ فِیْهِ الْقُرْاٰنُ هُدًی لِّلنَّاسِ وَ بَیِّنٰتٍ مِّنَ الْهُدٰی وَ الْفُرْقَانِ **(ଅଲ୍ ବକରାହ୍: 186)** ଅର୍ଥାତ ପବିତ୍ର ରମ୍‌ଜାନ୍ ମାସ ହେଉଛି ସେହି ମାସ ଯହିଁରେ ପବିତ୍ର କରୁଆନ୍ ଅବତୀର୍ଣ୍ଣ ହୋଇଛି ଏବଂ ଏହା ସମଗ୍ର ମାନବ ଜାତି ନିମନ୍ତେ ମାର୍ଗଦର୍ଶନ ସଦୃଶକ ଓ ଐଶୀ ନିଦର୍ଶନ ଅବଲୋକନପୂର୍ବକ ଅବତୀର୍ଣ୍ଣ ହୋଇଛି ।

ସ୍ୱପ୍ନ ବିଦ୍ୟାର ସ୍ୱପ୍ନଫଳ କହୁଥିବା ବ୍ୟକ୍ତିମାନଙ୍କର କେତେକ ବର୍ଣ୍ଣନାରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ରମ୍‌ଜାନ୍ ମାସର ୨୪ ତାରିଖ ଦିନ ଆଁହଜରତ ସ.ଅଙ୍କ ଉପରେ ପ୍ରଥମ ଐଶୀବାଣୀ ଅବତୀର୍ଣ୍ଣ ହୋଇଥିଲା । **(ସୁନନୁଲ୍ କୁବ୍ରା ଲିଲ୍‌ବହିକି କିତାବୁଲ୍ ଯିଜ୍‌ୟା, ଭାଗ-9, ପୃ-317, ହଦିସ୍-18649, ପ୍ରକାଶନ ସ୍ଥାନ, ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବୈରୁତ୍-2003)(ଅଲ୍ ଇତ୍ତିକାନ୍ ଫି ଉଲୁମିଲ୍ କୁର୍‌ଆନି (ଅନୁବାଦକ) ଭାଗ-1, ପୃ-122, ମକ୍‌ତବତୁଲ୍ ଉଲୁମ୍, ଲାହୋର୍)**

ସେହିପରି ପ୍ରତ୍ୟେକ ବର୍ଷ ରମ୍‌ଜାନ୍ ମାସରେ ହ. ଜିବ୍ରାଇଲ୍ ଅ.ସ ଆପଣ ସ.ଅଙ୍କ ସହିତ ପବିତ୍ର କୁରଆନ୍ ସଂପୂର୍ଣ୍ଣ ଶେଷ କରୁଥିଲେ ଏବଂ ଆଁହଜରତ ସ.ଅଙ୍କ ଜୀବନର ଶେଷ ରମ୍‌ଜାନ୍ ମାସରେ ହ. ଜିବ୍ରାଇଲ୍ ଅ.ସଙ୍କ ସହିତ ଆଁହଜରତ ସ.ଅଙ୍କୁ ପବିତ୍ର କୁର୍‌ଆନ୍ ଦୁଇଥର ଶେଷ କରିଥିଲେ । **(ସହି ବୁଖାରୀ, କିତାବୁ ଫଜାଇଲୁଲ୍ କୁର୍‌ଆନ୍, ବାବ୍ କାନା ଜିବ୍ରାଇଲା ୟୁର୍‌ଜୁଲ୍ କୁରଆନ୍ ଅଲନ୍ ନବି ସ.ଅ, ହଦିସ୍ ନଂ-4998)**

ସେ ଯାହା ହେଉ ପବିତ୍ର କୁର୍‌ଆନ୍ କରୀମ୍‌ର ପବିତ୍ର ରମ୍‌ଜାନ୍ ମାସରେ ଏକ ବିଶେଷ ମାହାତ୍ମ୍ୟତା ରହିଛି । ଅତଃ ଆମମାନଙ୍କୁ ମଧ୍ୟ ଉକ୍ତ ମାସରେ ଉକ୍ତ କଥାକୁ ଧ୍ୟାନ ରଖି ଉକ୍ତ ମାସରେ ବିଶେଷ ରୂପେ ପବିତ୍ର କୁରଆନ୍ ପଢିବା ପ୍ରତି, ପବିତ୍ର କୁରଆନ୍‌ର ବ୍ୟାଖ୍ୟା ପଢିବା ଓ ଶୁଣିବା ପ୍ରତି ବିଶେଷ ରୂପେ ଧ୍ୟାନ ଦେବା ଉଚିତ୍। ଏମ.ଟି.ଏରେ ମଧ୍ୟ ପବିତ୍ର କୁରଆନ୍‌ର ଦରସ୍ ପ୍ରସାରଣ କରାଯାଇଥାଏ। ତେଣୁ ସେହି ଦରସ୍‌କୁ ମଧ୍ୟ ଲୋକମାନଙ୍କୁ ଧ୍ୟାନପୂର୍ବକ ଶୁଣିବା ଉଚିତ । ପବିତ୍ର କୁରଆନ୍ ସହିତ ଏହାର ଅନୁବାଦ ଓ ତାହାର ବ୍ୟାଖ୍ୟାକୁ ଯଦି ଆମେମାନେ ପଢୁ ତାହାହେଲେ ଆମେମାନେ ସେହି ଆଦେଶାବଳୀର ପ୍ରାସଙ୍ଗିକତା ତଥା ମହତ୍ତ୍ୱକୁ ବୁଝି ପାରିବୁ ଯାହା ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇଛି । ସେହି ଆଦେଶାବଳୀଗୁଡ଼ିକୁ ନିଜ ଜୀବନର ଅଭିନ୍ନ ଅଙ୍ଗ ରୂପେ ଆମେମାନେ ପରିଗଣିତ କରିପାରିବୁ । ନିଜ ଜୀବନକୁ ପବିତ୍ର କୁରଆନ୍‌ର ଶିକ୍ଷାନୁଯାୟୀ ପରିଚାଳିତ କରିବାକୁ ସକ୍ଷମ ହୋଇ ପାରିବୁ ଏବଂ ଅଲ୍ଲାଃତାଲାଙ୍କର କୃପାକୁ ପ୍ରାପ୍ତକାରୀ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇପାରିବୁ ।

ଅତଃ ଆମେମାନେ ଯଦି ରମ୍‌ଜାନ୍ ଠାରୁ ପ୍ରକୃତ ରୂପେ ଉପକୃତ ହେବାକୁ ଚାହୁଁଛେ ତେବେ ଆମମାନଙ୍କୁ କୁରଆନ୍‌ର ତିଲାୱତ୍ ଓ ପବିତ୍ର କୁରଆନ୍ ଉପରେ ଅଧିକ ଧ୍ୟାନ ଦେବାର ବିଶେଷ ଆବଶ୍ୟକତା ରହିଛି । ମସ୍‌ଜିଦ୍‌ମାନଙ୍କର ଯେଉଁଠି ଯେଉଁଠି ଦରସ୍‌ର ବ୍ୟବସ୍ଥା ରହିଛି ସେଠାରେ ଦରସ୍ ମଧ୍ୟ ଶୁଣିବା ଉଚିତ୍ । ପବିତ୍ର କୁର୍‌ଆନ୍ କରୀମ୍‌ର ମାହାତ୍ମ୍ୟତା, ଉପାଦେୟତା, ତା'ର ବିଶେଷ ଗୁଣାବଳୀର ଅନନ୍ୟତା, ତା'ର ଜାଜ୍ଜ୍ୱଲ୍ୟମାନ ପ୍ରମାଣ ସଂପର୍କରେ ସାଂପ୍ରତିକ କାଳରେ ହ. ମସିହ୍ ମଉଦ୍ ଅ.ସ ପ୍ରାଞ୍ଜଳ ଭାବରେ ଖୋଲି ଖୋଲି ଆମମାନଙ୍କୁ କହିଛନ୍ତି। ହୁଜୁର ଅନ୍‌ୱର୍ ଅ.ବ କହିଲେ, ବିଗତ କିଛି ସପ୍ତାହ ଧରି ଖୁତ୍‌ବାତରେ ହ. ମସିହ୍ ମଉଦ୍ ଅ.ସଙ୍କ ଦ୍ୱାରା ଉପସ୍ଥାପିତ ପ୍ରାମାଣ୍ୟରେ ତତ୍‌ସଂପର୍କରେ ବର୍ଣ୍ଣନା କରୁଅଛି। ସୁତରାଂ ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶବଳୀଗୁଡ଼ିକୁ ବାରମ୍ବାର ପଢିବାର ଆବଶ୍ୟକତା ରହିଛି । କାରଣ ଆମେମାନେ ପ୍ରକୃତ ରୂପେ ପବିତ୍ର କୁରଆନ୍‌ର ଶିକ୍ଷାକୁ ଯେପରି ନିଜ ମଧ୍ୟରେ ସୃଷ୍ଟି କରିବାକୁ ହୃଦ୍‌ବୋଧ କରିବାରେ ସକ୍ଷମ ହୋଇପାରିବୁ ।

ହ. ମସିହ୍ ମଉଦ୍ ଅ.ସଙ୍କ ଆଦେଶାବଳୀ ପ୍ରକାଶରେ ଆଜି ମଧ୍ୟ କେତେକ ଆଲେଖ୍ୟାବଳୀ ମୁଁ ଉପସ୍ଥାପିତ କରିବି । "ପବିତ୍ର କୁରଆନ୍ କରୀମ୍ ହେଉଛି ସାର୍ବକଳୀକ ତଥା ଚିରନ୍ତଭିତ୍ତିକ ଧର୍ମବିଧାନ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଅଲ୍ଲାଃତାଲାଙ୍କ ବ୍ରହ୍ମଜ୍ଞାନମୂଳକ ପ୍ରସଙ୍ଗ ଓ ଆଦେଶାବଳୀ ଦୁଇ ଭାଗରେ ବିଭକ୍ତ ଅଟେ । ଅର୍ଥାତ କେତେକ ଆଦେଶାବଳୀ ସାର୍ବକାଳୀକ ଏବଂ ସ୍ଥାୟୀ ହୋଇଥିବା ବେଳେ ଆଉ କେତେକ ଆଦେଶାବଳୀ ସାମୟିକ ଆବଶ୍ୟକତା ଅନୁଯାୟୀ ପ୍ରଣୀତ ହୋଇଥାଏ । ଯଦିଓ ନିଜର ସ୍ଥାନ ଅନୁଯାୟୀ ତହିଁରେ ନିରନ୍ତରତାର ଏକ ଦିଗ ନିହିତ ରହିଛି । ସେ ପଛେ ସାମୟିକ ସମୟର ଆବଶ୍ୟକତା ନିମନ୍ତେ ପ୍ରଯୁଜ୍ୟ ହୋଇଥାଉ ପଛେ କିନ୍ତୁ ବାସ୍ତବରେ ତାହା ସାର୍ବକାଳୀକ ଅଟେ । କିନ୍ତୁ ତାହା ସାମୟିକ ସମୟ ନିମନ୍ତେ ମଧ୍ୟ ପ୍ରଯୁଜ୍ୟ ହୋଇଥାଏ । ଉଦାହରଣ ସ୍ୱରୂପ ଯାତ୍ରା ସମୟରେ ଓଷା ଓ ନମାଜ ସମ୍ବନ୍ଧରେ ଏକ ପ୍ରକାର ଆଦେଶାବଳୀ ଥିବା ବେଳେ ଏବଂ ଅବସ୍ଥାନ ଦିନରେ ଭିନ୍ନ ଆଦେଶାବଳୀର ଉଲ୍ଲେଖ ରହିଛି । ଯାତ୍ରା ସମୟରେ ନମାଜ ଏକତ୍ର କରି ପାଠ କରିବା ଅବା ସଂକ୍ଷିପ୍ତ କରିବାର ଅନୁମତି ପବିତ୍ର କୁରଆନ୍‌ରେ ରହିଥିବା ବେଳେ, ସାମାନ୍ୟ ପରିସ୍ଥିତିରେ ସଂପୂର୍ଣ୍ଣ ନମାଜ ପଢିବାର ଆଦେଶ ରହିଛି । ଯାତ୍ରା ସମୟରେ ରୋଜା ରଖିବା ବର୍ଜନୀୟ ଅଟେ। କିନ୍ତୁ ସାଧାରଣ ପରିସ୍ଥିତିରେ ଅବସ୍ଥାନ କାଳରେ ଓଷା ରଖିବା ପାଇଁ ପ୍ରତ୍ୟେକ ସ୍ୱାସ୍ଥ୍ୟବାନ ବ୍ୟକ୍ତି ଅନିର୍ବାଯ୍ୟ ଅଟେ ।" ହ. ମସିହ୍ ମଉଦ୍ ଅ.ସ ପୁନଶ୍ଚ କୁହନ୍ତି: ଉଦାହରଣ ସ୍ୱରୂପ ଦ୍ୱିତୀୟ ଆଦେଶ ରହିଛି ଯେ, "ମହିଳା ଯେତେବେଳେ ଗୃହରୁ ବାହାରକୁ ଯାଏ ତେବେ ସେପରିପ୍ରେକ୍ଷୀରେ ସେ ବୁର୍କା ପରିଧାନ କରି ବାହାରିଥାଏ । ଏହି ଆଦେଶଟି ମହିଳା ନିମନ୍ତେ ଏକ ବିଶେଷ ପରିସ୍ଥିତି ସମୟରେ ପ୍ରଯୁଜ୍ୟ ଅଟେ । କିନ୍ତୁ ଅପରପକ୍ଷେ ମହିଳାକୁ ଘରେ ଏଭଳି ବୁର୍କା ପିନ୍ଧି ବୁଲିବାର ଆବଶ୍ୟକତା ନଥାଏ । ପରଦାର ଯଦି ଆଦେଶ ରହିଛି ତେବେ ଘର ବାହାର ପାଇଁ ଉଦ୍ଦିଷ୍ଟ ଅଟେ ।" ପୁନଶ୍ଚ କେଉଁମାନଙ୍କୁ ପରଦା କରିବାର ଆବଶ୍ୟକତା ରହିଛି ଓ କେଉଁମାନଙ୍କୁ ନୁହେଁ ତତ୍‌ସଂକ୍ରାନ୍ତରେ ଆପଣ ଆ.ସ କୁହନ୍ତି: " ତୌରାତ୍ ଓ ଇଞ୍ଜିଲ୍‌ର ଆଦେଶାବଳୀ ସାମୟିକ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରଣୀତ ହୋଇଥିଲା ଏବଂ ଆଁହଜରତ ସ.ଅ ଯେଉଁ ଧର୍ମବିଧାନ ନେଇ ଅବତୀର୍ଣ୍ଣ ହୋଇଥିଲେ ତାହା ସାର୍ବକାଳୀକ ଓ ଚୂଡ଼ାନ୍ତ ଧର୍ମବିଧାନ ସମ୍ବଳିତ ଗ୍ରନ୍ଥ ଅଟେ ।

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ପ୍ରାଣୀମାନଙ୍କ ପ୍ରତି ସହାନୁଭୂତି ଓ ସମବେଦନା ଜ୍ଞାପନ କରିବା ଏଭଳି ଏକ ବସ୍ତୁ ଯେ, ଯଦି ମନୁଷ୍ୟ ତାହାକୁ ପରିତ୍ୟାଗ କରିଦିଏ ଏବଂ ତହିଁରୁ ଦୂରେଇ ଯାଏ ତେବେ କ୍ରମଶଃ ସେ ହିଂସ୍ର ପ୍ରାଣୀରେ ପରିଣତ ହୋଇଯାଏ ।"

(ମଲଫୁଜାତ୍, ଖଣ୍ଡ-7, ପୃ-282, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Mohammad Moin, S/o- Mohammad Majid, Jamat Ahmadiya Karadapalli (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଅଲ୍ଲାଃତାଲାଙ୍କ ମାର୍ଗରେ ନିଜର ପ୍ରିୟ ଧନକୁ ବ୍ୟୟ କରିବା ମଧ୍ୟ ମନୁଷ୍ୟର ସୌଭାଗ୍ୟ, ଧର୍ମପରାୟଣତା ସ୍ତରର କଷଟି ପଥର ଅଟେ ।"

(ମଲଫୁଜାତ୍, ଖଣ୍ଡ-2, ପୃ-96, ସଂସ୍କରଣ ବର୍ଷ- 1984 ମସିହା)

ତାଲିବେ ଦୁଆ: Abdul Malik, S/o- Late Abdur Rahman, Jamat Ahmadiya Karadapalli (Odisha)

କୁରଆନ୍‌ରେ ଯାହାକିଛି ବର୍ଣ୍ଣିତ ହୋଇଛି ତାହା ପୂର୍ଣ୍ଣ ଓ ପର୍ଯ୍ୟାପ୍ତ ଅଟେ । ପବିତ୍ର କରୁଆନ୍ ସାର୍ବକାଳୀକ ନିୟମଭିତ୍ତିକ ଗ୍ରନ୍ଥ ଅଟେ । ପବିତ୍ର କୁର୍‌ଆନ୍ ଯଦି ଅବତୀର୍ଣ୍ଣ ହୋଇ ନଥାଆନ୍ତା ତେବେ ତୌରାତ୍ ଏବଂ ଇଞ୍ଜିଲ୍ ଆଦି ଧର୍ମଗ୍ରନ୍ଥ ନିଶ୍ଚିହ୍ନ ହୋଇ ଯାଇଥାଅନ୍ତା । କାହିଁକି ନା ଉଭୟ ପୁସ୍ତକ ସାର୍ବକାଳୀକ ନିୟମାଭିତ୍ତିକ ଧର୍ମଗ୍ରନ୍ଥ ନଥିଲେ ।" **(ମଲ୍‌ଫୁଜାତ୍, ଭାଗ-3, ପୃ-42, ପ୍ରକାଶନ ବର୍ଷ-1984 ମସିହା)**

ଅତଃ ପବିତ୍ର କୁରଆନ୍ କରୀମ୍‌ର ଏହି ମର୍ଯ୍ୟାଦା ରହିଛି ଯେ, ପବିତ୍ର କୁରଆନ୍ କରୀମ୍‌ର ମାର୍ଗଦର୍ଶନ ପ୍ରତ୍ୟେକ ପ୍ରକାରର ପରିସ୍ଥିତି ଅନୁଯାୟୀ ଏକ ସମ୍ପୂର୍ଣ୍ଣ ଧର୍ମଗ୍ରନ୍ଥ ଏବଂ ଏହାର ଶିକ୍ଷା ଚିର ସ୍ଥାୟୀ ଏବଂ ଏହାର ଆଦେଶାବଳୀ ପ୍ରତ୍ୟେକ ଯୁଗ ନିମନ୍ତେ ଉପଯୁକ୍ତ ଅଟେ । ଅଲ୍ଲାଃତାଲା ପରଦା ସଂକ୍ରାନ୍ତରେ ପବିତ୍ର କୁରାଆନ୍ କରୀ୍‌ମରେ ଯେଉଁ ଆଦେଶାବଳୀ ଅବତୀର୍ଣ୍ଣ କରିଛନ୍ତି ତତ୍‌ସଂକ୍ରାନ୍ତରେ ଆପତ୍ତିକର୍ତ୍ତାମାନେ ଆପତ୍ତି ମଧ୍ୟ କରିଦିଅନ୍ତି ଯେ, ଉକ୍ତ ଯୁଗାନୁଯାୟୀ ପରଦା ଆବଶ୍ୟକ ନୁହେଁ ଓ ବେଳେବେଳେ ଆମର ଝିଅମାନେ ମଧ୍ୟ ତହିଁରୁ ପ୍ରଭାବିତ ହୋଇଯାଇ ଥାଆନ୍ତି । କିନ୍ତୁ ଲୋକମାନେ ସ୍ୱୟଂ ଏକଥାକୁ ସ୍ୱୀକାର କରୁଛନ୍ତି ଓ ଏ ସଂପର୍କରେ ବଡ଼ ବଡ଼ ପ୍ରବନ୍ଧ ମଧ୍ୟ ରଚନା କରନ୍ତି ଯେ, ମହିଳା ଗୋଷ୍ଠୀ ମଧ୍ୟ ବର୍ତ୍ତମାନ ଏହି ସ୍ୱର ଉତ୍ତୋଳନ କରି ଦେଇଛନ୍ତି, ସମ୍ବାଦ ପତ୍ରେ ମଧ୍ୟ ବେଳେବେଳେ ଏହି ଖବର ଆସିଯାଏ ଯେ, ମହିଳା ଓ ପୁରୁଷ ମଧ୍ୟରେ ଯେଉଁ ମିଶ୍ରଣ ରହିଛି ତାହା ବେଳେବେଳେ ସମସ୍ୟା ସୃଷ୍ଟି କରିଥାଏ ଓ ଏଥି ନିମନ୍ତେ ବର୍ତ୍ତମାନ କେତେକ ଲୋକମାନେ ଏହା ଭାବିବାକୁ ମଧ୍ୟ ଲାଗିଲେଣି ଯେ, ମହିଳା ଓ ପୁରଷମାନଙ୍କର ପୃଥକ ପୃଥକ ବ୍ୟବସ୍ଥା ହେବା ଉଚିତ୍ ।

ନିଜ ଆଗମନର ଅଭିପ୍ରାୟ ଏବଂ କୁରଆନ୍ ସଂପୂର୍ଣ୍ଣ ଧର୍ମବୈଧାନିକ ଗ୍ରନ୍ଥ ହେବା ସଂକ୍ରାନ୍ତରେ ଆପଣ ଅ.ସ ଅତିରିକ୍ତ ବର୍ଣ୍ଣନା କରି କୁହନ୍ତି, "ଏକଥାକୁ ମଧ୍ୟ ସହୃଦୟର ସହିତ ଶୁଣ ଯେ, ମୋର ଆଗମନର ଅଭିପ୍ରାୟ କ'ଣ ରହିଛି ? ଏବଂ ମୋର ଅଭିପ୍ରାୟ କ'ଣ ? ମୋର ଆଗମନର ଅଭିପ୍ରାୟ କେବଳ ଇସ୍‌ଲାମ୍ ଧର୍ମର ପୁନରୁଦ୍ଧାର ଓ ସମର୍ଥନ ଅଟେ । ତହିଁରୁ ଏହା ବୁଝିବା ଅନୁଚିତ୍ ଯେ, ମୁଁ ଏଇଥି ପାଇଁ ଆସିଅଛି ଯେ, ଲୋକମାନଙ୍କୁ ଅନ୍ୟ ଧର୍ମ ବିଧାନ ସଂପର୍କରେ ଶିକ୍ଷା ପ୍ରଦାନ କରିବି କିମ୍ବା ନୂତନ ଆଦେଶାବଳୀର ଶିକ୍ଷା ଦେବି ଅବା କୌଣସି ନୂତନ ଧର୍ମଗ୍ରନ୍ଥ ଅବତୀର୍ଣ୍ଣ ହେବ । କଦାପି ନୁହଁ । ଯଦି କୌଣସି ବ୍ୟକ୍ତି ଏହା ମନେକରେ ତେବେ ମୋ ନିକଟରେ ଉକ୍ତ ବ୍ୟକ୍ତି ବିଚ୍ୟୁତମାର୍ଗ ଓ ବିଧର୍ମୀ ଅଟେ । ଆଁହଜରତ ସ.ଅଙ୍କ ଉପରେ ଧର୍ମବିଧାନ ଶେଷ ହୋଇଯାଇଛି । ବର୍ତ୍ତମାନ ଅନ୍ୟ କୌଣସି ଧର୍ମବିଧାନ କିମ୍ବା ନିୟମାବଳୀ ସମ୍ବଳିତ ପୁସ୍ତକ ଆସି ପାରିବ ନାହିଁ । କୁରଆନ୍ ହିଁ ଚୂଡ଼ାନ୍ତ ଓ ସିଦ୍ଧାନ୍ତଭିତ୍ତିକ ଧର୍ମଗ୍ରନ୍ଥ । ତହିଁରେ କାଣୀଟିଏ ଏବଂ ବିନ୍ଦୁଟିଏ ଊଣା ଅଧିକ କରିବାର ସମ୍ଭାବନା ଆଉ ନାହିଁ । କିନ୍ତୁ ଏକଥା ସତ୍ୟ ଯେ, ଆଁହଜରତ ସ.ଅଙ୍କ କଲ୍ୟାଣ ଓ କୃପା ତଥା କୁରଆନୀୟ ଶିକ୍ଷା ଏବଂ ମାର୍ଗଦର୍ଶନର ଫଳର ଅନ୍ତ ଘଟି ନାହିଁ । ତାହା ପ୍ରତ୍ୟେକ ଯୁଗ ପାଇଁ ସଦ୍ୟତମ ରୂପେ ଆମ ନିକଟରେ ଉପସ୍ଥିତ ଓ ବିଦ୍ୟମାନ ରହିଛି । ସେହି କଲ୍ୟାଣ ତଥା କୃପାର ପ୍ରମାଣ ସକାଶେ ଅଲ୍ଲାଃତାଲା ମୋତେ ଛିଡ଼ା କଲେ ।" **(ମଲ୍‌ଫୁଜାତ୍, ଭାଗ-8, ପୃ-245, ପ୍ରକାଶନ ବର୍ଷ-1984 ମସିହା)**

ପବିତ୍ର କୁରଆନ୍ କରୀମ୍‌ର ଶିକ୍ଷାକୁ ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବ ନାହିଁ । କେତେକ ପ୍ରସଙ୍ଗ ରହିଛି ଯାହାକି ବ୍ୟାଖ୍ୟାଯୋଗ୍ୟ ତଥା ବର୍ଣ୍ଣନାଯୋଗ୍ୟ ଅଟେ। ସେଇଥିପାଇଁ ଆପଣ ଅ.ସ କୁହନ୍ତି; ମୋର ଆଗମନର ଅଭିପ୍ରାୟ କେବଳ ଇସ୍‌ଲାମ୍ ଧର୍ମର ପୁନରୁଦ୍ଧାର ଓ ସମର୍ଥନ ଅଟେ । ଆପଣ ଅ.ସ ପୁନଶ୍ଚ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ଏକ ସାକ୍ଷାତ୍ ଚମତ୍କାର ଅଟେ । ଉକ୍ତ ଧର୍ମଗ୍ରନ୍ଥର ନା କୌଣସି ଅନ୍ୟ ଧର୍ମଗ୍ରନ୍ଥ ସମକକ୍ଷ ଥିଲା ଓ ନା ହିଁ କେବେ ହୋଇପାରିବ। ନା ପୂର୍ବେ ଏହାର କୌଣସି ଦୃଷ୍ଟାନ୍ତ ଥିଲା ଓ ନା ହିଁ କେବେ ହୋଇପାରିବ । ପବିତ୍ର କୁରଆନ୍ କରୀମ୍‌ର କଲ୍ୟାଣ ଓ ସମୃଦ୍ଧି ସଦା ସର୍ବଦା ପାଇଁ ଅବ୍ୟାହତ ରହିଛି । ତାହା ପ୍ରତ୍ୟେକ ଯୁଗରେ ଏପରି ନୂତନ ଯେପରିକି ଆଁହଜରତ ସ.ଅଙ୍କ ସମୟରେ ଥିଲା । ଏତଦ୍‌ଭିନ୍ନ ଏହା ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ବ୍ୟକ୍ତି ମଧ୍ୟରେ ଯେଭଳି ସତ୍‌ସାହସ ଓ ଦୃଢ ସଂକଳ୍ପ ତଥା ଉଚ୍ଚାଭିଳାଷୀ ଅଭିପ୍ରାୟ ହେବ ସେହି ଧରଣର ପ୍ରତ୍ୟେକ ବ୍ୟକ୍ତିର ବାଣୀ ତା'ର ସାହାସ ଅନୁଯାୟୀ ହୋଇଥାଏ। ଅତଏବ୍ ଐଶୀବାଣୀରେ ମଧ୍ୟ ସମାନ ଅବସ୍ଥା ଦୃଶ୍ୟମାନ ହୋଇଥାଏ । ଅର୍ଥାତ୍ ସାଧାରଣ ବ୍ୟକ୍ତି ଯେପରି ନିଜର ପ୍ରାପ୍ତ ଶିକ୍ଷାନୁଯାୟୀ ବାର୍ତ୍ତାଳାପ କରିଥାଏ ଠିକ୍ ସେହିପରି ଐଶୀବାଣୀର ମଧ୍ୟ ଏକ ମର୍ଯ୍ୟାଦା ରହିଛି । "ଯେଉଁ ବ୍ୟକ୍ତି ଆଡ଼କୁ ପ୍ରଭୁଙ୍କ ଐଶୀବାଣୀ ଆସିଥାଏ ତେଣୁ ଉକ୍ତ ବ୍ୟକ୍ତି ଜଣକ ଯେଭଳି ସତ୍‌ସାହାସୀର ଅଧିକାର ହୋଇଥିବ ଠିକ୍ ସେହିଭଳି ଉକ୍ତ ବ୍ୟକ୍ତି ପ୍ରଭୁଙ୍କର ଐଶୀବାଣୀ ପ୍ରାପ୍ତ ହେବ । ଏଠାରେ ମଧ୍ୟ ସ୍ମରଣ ରଖିବା ଉଚିତ୍ ଯେ, ଐଶୀବାଣୀର ମଧ୍ୟ ଅନେକ ସ୍ତର ରହିଛି, ଅଲ୍ଲାଃତାଲାଙ୍କ ସନ୍ଦେଶରେ ମଧ୍ୟ ଅନେକ ସ୍ତର ରହିଛି ।" ଆପଣ ଅ.ସ ପୁନଶ୍ଚ କୁହନ୍ତି: "ଆଁହଜରତ ସ.ଅଙ୍କ ସାହାସ ଓ ସାମର୍ଥ୍ୟ ତଥା ଦୃଢ ସଂକଳ୍ପର ପରିସର ଯଦିଓ ଅତ୍ୟନ୍ତ ବ୍ୟାପକ ଥିଲା ଅତଃ ଆପଣ ସ.ଅଙ୍କୁ ଯେଉଁ ଉଚ୍ଚ ଲାଳିତ୍ୟ ସମ୍ପନ୍ନ ବର୍ଣ୍ଣନାତ୍ମକ ଭାଷାଗତ ବାଣୀ ପ୍ରାପ୍ତ ହେଲା ତାହାର ମର୍ଯ୍ୟାଦା ଓ ସ୍ତର ଏତେ ଉଚ୍ଚ ଯେ, ଅନ୍ୟ କୌଣସି ବ୍ୟକ୍ତି ଉକ୍ତ ସାହାସ ଓ ଉତ୍ସାହର ଜନ୍ମ ଗ୍ରହଣ କରିବ ନାହିଁ ।" **(ମଲ୍‌ଫୁଜାତ୍, ଭାଗ-3, ପୃ-57, ପ୍ରକାଶନ ବର୍ଷ-1984 ମସିହା)**

ଆପଣ ଅ.ସ ପୁନଶ୍ଚ କୁହନ୍ତି: "ପବିତ୍ର କୁରଆନ୍ କରୀମ୍‌ର ପଣତ ଅତ୍ୟନ୍ତ ବ୍ୟାପକ ଅଟେ । ଏହା ପ୍ରଳୟ ଦିବସ ପର୍ଯ୍ୟନ୍ତ ଅପରିବର୍ତ୍ତନୀୟ ନିୟମ ଅଟେ ଓ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ସମୟ ନିମନ୍ତେ ଉପାଦାୟ ଓ ଉଦ୍ଦିଷ୍ଟ ଅଟେ। ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍‌ରେ କୁହନ୍ତି: وَإِنْ مِّنْ شَيْءٍ إِلَّا عِنْدَنَا خَزَائِنُهُ وَمَا نُنَزِّلُهُ إِلَّا بِقَدَرٍ مَّعْلُومٍ **(ଅଲ ହିଜର୍: 22)** ଅର୍ଥାତ୍ ଏପରି କୌଣସି ଦ୍ରବ୍ୟ ନାହିଁ ଯାହାର ଅସରନ୍ତି ଭଣ୍ଡାର ଆମ ନିକଟରେ ନାହିଁ । କିନ୍ତୁ ଆମ୍ଭେ ଏହାକୁ ଏକ ନିର୍ଦ୍ଧାରିତ ପରିମାଣରେ ପ୍ରେରଣ କରିଥାଉ । ଆପଣ ଅ.ସ କୁହନ୍ତି ଇଞ୍ଜିଲ୍ ଧର୍ମଗ୍ରନ୍ଥ ଆବଶ୍ୟକତା କେବଳ ସେହି ପର୍ଯ୍ୟନ୍ତ ଥିଲା । ତେଣୁ ଇଞ୍ଜିଲ୍‌ର ସାରାଂଶ କେବଳ ପୃଷ୍ଠା ମଧ୍ୟରେ ଆବଦ୍ଧିତ ହୋଇପାରିବ । କିନ୍ତୁ ପବିତ୍ର କୁରଆନ୍ କରୀମ୍‌ର ଆବଶ୍ୟକତା ସମଗ୍ର ଜଗତର ସୁଧାର ଓ ପ୍ରତ୍ୟେକ ଯୁଗ ନିମନ୍ତେ ଉଦ୍ଦିଷ୍ଟ ଥିଲା। "ପବିତ୍ର କୁରଆନ୍ କରୀମ୍‌ର ମୂଳ ଲକ୍ଷ୍ୟ ଥିଲା ମନୁଷ୍ୟକୁ ପାଶବିକ ପ୍ରବୃତ୍ତିରୁ ମାନବିକ ପ୍ରବୃତ୍ତିରେ ପରିଣତ କରିବା, ପୁନଶ୍ଚ ମାନବିକ ଶିଷ୍ଟାଚାରରୁ ସଭ୍ୟ ମଣିଷ କରିବା କାରଣ ଧର୍ମ ବିଧାନିକ ସୀମା ତଥା ଆଦେଶାବଳୀ ସହିତ ପଥକୁ ଅତି ସହଜର ଅତିକ୍ରମ କରିପାରିବ । ପୁନଶ୍ଚ ମନୁଷ୍ୟକୁ ସଭ୍ୟରୁ ଈଶ୍ୱରାନୁରାଗୀ ବ୍ୟକ୍ତିରେ ପରିଣତ କରିବା । ଏହି ଶବ୍ଦାବଳୀଗୁଡ଼ିକ ଯଦିଚ ସଂକ୍ଷିପ୍ତ ଅଟନ୍ତି, କିନ୍ତୁ ଏହାର ହଜାର ହଜାର ବିଭାଗ ଓ ଦିଗ ରହିଛି । ବସ୍ତୁତଃ ଦେଖିବାକୁ ଗଲେ ଇହୁଦୀମାନେ, ମନସ୍ତତ୍ତ୍ୱବିତ୍, ଅଗ୍ନିପୂଜକ ଓ ବିଭିନ୍ନ ଜାତିରେ କୁପ୍ରଥା ଜନିତ ଆତ୍ମା କାର୍ଯ୍ୟ କରୁଥିଲା । ଅତଃ ଆଁହଜରତ ସ.ଅ ଅଲ୍ଲାଃତାଲାଙ୍କ ଠାରୁ (ଐଶୀ) ଜ୍ଞାନ ପ୍ରାପ୍ତ କରି ସମସ୍ତଙ୍କୁ ସମ୍ବୋଧିତ କରି କହିଲେ, قُلْ يَا أَيُّهَا النَّاسُ إِنِّي رَسُولُ اللَّهِ إِلَيْكُمْ جَمِيعًا **(ଅଲ୍ ଆରାଫ୍:159)** ଅର୍ଥାତ ହେ ମୁହମ୍ମଦ ! ତୁମ୍ଭେ କହିଦିଅ କି ହେ ମାନବଜାତି ! ନିଃସନ୍ଦେହ ରୂପେ ମୁଁ ତୁମମାନଙ୍କ ଆଡ଼କୁ ପ୍ରଭୁଙ୍କ ବାର୍ତ୍ତାବହ ରୂପେ ପ୍ରେରିତ ହୋଇଅଛି । ଅତଃ ଏହା ଆବଶ୍ୟକ ଥିଲା ଯେ, ପବିତ୍ର କୁରଆନ ସେହି ସମସ୍ତ ଶିକ୍ଷାର ଏକକ ଓ ସମାହାର ହୋଇଯାଉ । କାରଣ ସେହି ପୂର୍ବ ଗ୍ରନ୍ଥଗୁଡ଼ିକ ସମୟେ ସମୟେ ଜାରି ହୋଇ ଆସୁଥିଲା ଏବଂ ସେହି ସମସ୍ତ ସତ୍ୟତାକୁ ନିଜ ମଧ୍ୟରେ ଧାରଣ କରି ରଖୁ ଯାହାକୁ ଆକଶରୁ ବିଭିନ୍ନ ଅବତାରମାନଙ୍କ ମାଧ୍ୟମରେ ମର୍ତ୍ତ୍ୟମଣ୍ଡଳବାସୀଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଯାଇଥିଲା । ଅର୍ଥାତ ପୁରୁଣା ପ୍ରସଙ୍ଗଗୁଡ଼ିକ ଥିଲା ତାହା ପରିସ୍ଥିତି ମୁତାବକ ଥିଲା ସେହି ପ୍ରସଙ୍ଗଗୁଡ଼ିକୁ ମଧ୍ୟ ପବିତ୍ର କୁରଆନ୍ କରୀମ୍ ନିଜ ମଧ୍ୟରେ ଧାରଣ କର ରଖିଥିଲେ କୁର୍‌ଆନ୍ ଦୃଷ୍ଟିରେ ସମସ୍ତ ମାନବ ଜାତି ମନୁଷ୍ୟ ଅଟନ୍ତି । ଅର୍ଥାତ **"ବସୁଧୈବ କୁଟୁମ୍ବକମ୍"** । ନା କି କୌଣସି ଜାତି ବିଶେଷ ଓ ଦେଶ ଓ ନା କି କୌଣସି କାଳ ନିର୍ଦ୍ଦିଷ୍ଟ ବିଶିଷ୍ଟ ଅଟେ । ଇଞ୍ଜିଲ୍ ଧର୍ମଗ୍ରନ୍ଥର ଅଭିପ୍ରାୟ କେବଳ ଏକ ବିଶେଷ ଜାତି ଥିଲା । ଅତଃ ହ. ଇସା ଅ.ସ ବାରମ୍ବାର କହିଲେ, ମୁଁ ଇସ୍ରାଇଲୀୟ ଜାତିର ହଜି ଯାଇଥିବା ମେଣ୍ଢା ପିଲମାନଙ୍କ ସନ୍ଧାନ ନିମନ୍ତେ ଆସିଅଛି ।" **(ମଲ୍‌ଫୁଜାତ୍, ଭାଗ-1, ପୃ-86, ପ୍ରକାଶନ୍ ବର୍ଷ-1984 ମସିହା)**

"ଅଲ୍ଲାଃତାଲଙ୍କ ଠାରୁ ଆଦେଶ ପ୍ରାପ୍ତ କରି ଆପଣ ସ.ଅ ଏହି ଘୋଷଣା କଲେ, ମୁଁ ସମଗ୍ର ମାନବ ଜାତି ଓ ସମଗ୍ର ମର୍ତ୍ତ୍ୟମଣ୍ଡଳବାସୀଙ୍କ ନିମନ୍ତେ ଅବତାର ଅଟେ । ଉପରୋକ୍ତ କଥନଟି ସେହି କଥାର ଜ୍ୱଳନ୍ତ ପ୍ରମାଣ ଯେ, କୁରଆନ୍ କରୀମ୍ ସମଗ୍ର ସଂସାରବାସୀଙ୍କ ସକାଶେ ମାର୍ଗଦର୍ଶନର ଏକ ଉତ୍କୃଷ୍ଟ ମାଧ୍ୟମ ଅଟେ । ପ୍ରାଚୀନ ଜାତି ଓ ପ୍ରାଚୀନ ସଭ୍ୟତା ନିମନ୍ତେ ମଧ୍ୟ ସେମାନଙ୍କ ଅବସ୍ଥାନୁକୁଳ ସେମାନଙ୍କୁ କହି ଦିଆଗଲା, ନବାଗତମାନଙ୍କ ପାଇଁ ମଧ୍ୟ ତହିଁରେ ଆଦେଶାବଳୀ ଉଲ୍ଲେଖ କରିଦିଆଗଲା ଏବଂ ଏହା ହିଁ ସାର୍ବକାଳୀକ ଧର୍ମବିଧାନ ଅଟେ । ଏତଦ୍‌ଭିନ୍ନ ଅନ୍ୟ କୌଣସି ଧର୍ମବିଧାନ ନାହିଁ ଯାହାକି ଆଁହଜରତ ସ.ଅଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବ ।" ଉକ୍ତ ପ୍ରସଙ୍ଗକୁ ବର୍ଣ୍ଣନା କରି ହ. ମସିହ୍ ମଉଦ୍ ଅ.ସ କୁହନ୍ତି : "କୁର୍‌ଆନ୍ ବ୍ରହ୍ମଜ୍ଞାନଭିତ୍ତିକ ଗ୍ରନ୍ଥ ଓ ସାର୍ବକାଳୀକ ଧର୍ମବିଧାନ ଏବଂ ସମସ୍ତ ପ୍ରକାରର ଜ୍ଞାନର ଗନ୍ତାଘର ଅଟେ । ଏହିପରି ଭାବରେ ଦେଖିବାକୁ ଗଲେ ପବିତ୍ର କୁରଆନ୍‌ର **ପ୍ରଥମ ଚମତ୍କାର** ହେଲା ସର୍ବୋଚ୍ଚ ସ୍ତରୀୟ ଶିକ୍ଷା । କୁରଆନ୍‌ର **ଦ୍ୱିତୀୟ ଚମତ୍କାର** ତାହାର ମହାନ ଭବିଷ୍ୟବାଣୀ ଅଟେ । ସୁତରାଂ ସୁରାଃ ଫାତିହା, ସୁରାଃ ତେହ୍‌ରିମ୍ ଓ ସୁରାଃ ୟୁନୁସ୍‌ରେ କେତେ ମହାନ୍ ଭବିଷ୍ୟତବାଣୀ ସଂପର୍କରେ ଉଲ୍ଲେଖ ରହିଛି । ଆଁହଜରତ ସ.ଅଙ୍କ ସମଗ୍ର ମକ୍କୀୟ ଜୀବନ ଭବିଷ୍ୟତବାଣୀ ଦ୍ୱାରା ପରିପୂର୍ଣ୍ଣ । ସେହି ଭବିଷ୍ୟତବାଣୀ ପ୍ରତି ଅବଲୋକନପୂର୍ବକ ଭୟ ପ୍ରଦର୍ଶନ କରି ଜଣେ ବୁଦ୍ଧିଜୀବୀ ଯଦି ବିଚାର କରେ ତେବେ ତା'କୁ ଜ୍ଞାତ ହୋଇଯିବ ଯେ, ଆଁହଜରତ ସ.ଅଙ୍କୁ କିପରି ଆଦୃଷ୍ଟ ବିଷୟ ସଂକ୍ରାନ୍ତରେ ସୂଚନା ପ୍ରାପ୍ତ ହୋଇଥିଲା।

ଯେତେବେଳେ ସମଗ୍ର ଆରବ ଜାତି ଆଁହଜରତ ସ.ଅଙ୍କର ଶତ୍ରୁ ଥିଲା ଓ କୌଣସି ସହାନୁଭୂତି ପ୍ରଦର୍ଶନକାରୀ ବନ୍ଧୁଟିଏ ମଧ୍ୟ ନଥିଲା ସେତେବେଳେ ଏହା କହିବା କି سَيُهۡزَمُ الۡجَمۡعُ وَيُوَلُّوۡنَ الدُّبُرَ **(ଅଲ୍ କମର:46)** କ'ଣ ଛୋଟିଆ କଥା ହୋଇପାରିବ। କହିବାର ତାତ୍ପର୍ଯ୍ୟ ଏହିକି ଯେ, ସେମାନଙ୍କର ସଂପ୍ରଦାୟକୁ ପରାସ୍ତ କରିଦିଆଯିବ ଓ ସେମାନେ ପିଠି ଦେଖାଇ ପଳାୟନ କରିବେ । ସାଧନ ଦୃଷ୍ଟିରୁ ତ' ଏପରି ଫତୱା (ଧର୍ମାଦେଶ) ଦିଆଯାଉଥିଲା କି ସେହି ଗୋଷ୍ଠୀ ନିପାତ ହୋଇଯିବ । ଯଦି ଏହିପରି ସାଧନ ମହଜୁଦ୍ ରହିଛି ତେବେ ଏହା କୁହାଯାଇପାରିବ ଯେ, ସେମାନଙ୍କର ଅବଶ୍ୟ ଅନ୍ତ ଘଟିବ । କିନ୍ତୁ ଆପଣ ସ.ଅ ଏଭଳି ପରିସ୍ଥିତିରେ ନିଜ ସଫଳତା ଓ ଶତ୍ରୁମାନଙ୍କର ତିରସ୍କାର ଓ ବିଫଳତାର ଭବିଷ୍ୟତବାଣୀ କରୁଛନ୍ତି ଓ ପରିଶେଷରେ ତାହା ହିଁ ଘଟିଥିଲା ।

ଉକ୍ତ ଭବିଷ୍ୟତବାଣୀ ଯାହାର ପବିତ୍ର କୁରାଆନ୍ କରୀମରେ ଚର୍ଚ୍ଚା ରହିଛି ଏହି ଭବିଷ୍ୟତବାୀଣୀ ସଂପର୍କରେ ଅଲ୍ଲାଃତାଲା ଆପଣ ସ.ଅଙ୍କୁ ସୂଚିତ କରିଥିଲେ । ତାହା ପୁଣି ପ୍ରାରମ୍ଭିକ ପରିସ୍ଥିତିରେ ଯେତେବେଳେ ଆପଣ ସ.ଅ ପାବନ ମକ୍କା ଭୂମିରେ ଅତ୍ୟନ୍ତ ଘଡ଼ିସନ୍ଧିର ପରିସ୍ଥିତି ଥିଲା ଓ ପୁନଶ୍ଚ ଭବିଷ୍ୟତବାଣୀ କିଭଳି ପୂର୍ଣ୍ଣ ହେଲା ? ସାଧାରଣତଃ ଆମେମାନେ ଏହା ଅବଲୋକନ କରୁ ଯେ, ଏହଜାବ୍ ଯୁଦ୍ଧରେ କିପରି ଅବିଶ୍ୱାସକାରୀମାନଙ୍କର ସୈନ୍ୟଦଳ ମୁସଲମାନମାନଙ୍କୁ ପିଠି ଦେଖାଇ ପଳାୟନ କଲା । ଆପଣ ଅ.ସ କୁହନ୍ତି: ପୁନଶ୍ଚ ୧୩୦୦ ଶତାବ୍ଦୀ ପରେ ସ୍ଥାପିତ ହେବାକୁ ଥିବା ସଂପ୍ରଦାୟ ଓ ତତ୍କାଳୀନ ଲକ୍ଷଣ, ଚିହ୍ନ ତଥା ନିଦର୍ଶନ ଆଦିର ଭବିଷ୍ୟତବାଣୀଗୁଡ଼ିକ କିଭଳି ଭବ୍ୟ ଓ ଦୁର୍ଲଭ ! ଅର୍ଥାତ ହ. ମସିହ୍ ମଉଦ୍ ଅ.ସଙ୍କ କାଳୀନ ଭବିଷ୍ୟତବାଣୀଗୁଡ଼ିକ ଅଦ୍ୟାବଧୀ ସେହି ଭବ୍ୟତାର ସହିତ ପୂର୍ଣ୍ଣ ହେଉଅଛି । ପୃଥିବୀର କୌଣସି ଧର୍ମଗ୍ରନ୍ଥ ଉକ୍ତ ଭବିଷ୍ୟତବାଣୀଗୁଡ଼ିକର ମୁକାବିଲା କରିପାରିବେ ନାହିଁ । **(ମଲଫୁଜାତ୍, ଭାଗ-3, ପୃ-44-43, ପ୍ରକାଶନ ବର୍ଷ-1984 ମସିହା)**

ପବିତ୍ର କୁରାଆନ୍ କରୀମର ସୁଗୁଣାବଳୀ ସଂକ୍ରାନ୍ତରେ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି: ପବିତ୍ର କୁରଆନ୍ କରୀମର ପ୍ରତ୍ୟେକ ଆଦେଶାବଳୀର କିଛି ନା କିଛି କାରଣ ବା ସ୍ୱାର୍ଥ ଓ ଅଭିପ୍ରାୟ ରହିଛି । ଏହା ପବିତ୍ର କୁରଆନ୍ କରୀମର ବିଶେଷତା ଏହିପରି ଯେ, ଏହାର ପ୍ରତ୍ୟେକ ଆଦେଶାବଳୀ مُعَلَّلٌ بِاَغۡرَاضٍ وَّمَصَالِحَ ଅଟେ । ଅର୍ଥାତ୍ ସ୍ୱାର୍ଥ ଓ ଦୂରଦର୍ଶିତା ବା ପରିଣାମଦର୍ଶିତା ଦ୍ୱାରା ପରିପୂର୍ଣ୍ଣ ଅଟେ । ଅତଃ ପବିତ୍ର କୁରଆନ୍ କରୀମରେ ଯେଉଁ ଯେଉଁଠି ତାଗିଦ୍ ରହିଛି ଯେ, ବୁଦ୍ଧି, ବେବେକ, ଚିନ୍ତନ, ଚିତ୍ତବିନୋଦ, ମନୋରଞ୍ଜନ ଏବଂ ବିଶ୍ୱାସକୁ ବିନିଯୋଗ କରାଯାଉ ।" ଚିତ୍ତବିନୋଦନ ଏହା ଯେ, ବୁଦ୍ଧି ବିବେକ ଓ ଚିନ୍ତା ଚେତନାକୁ ବିନିଯୋଗ କର ଏବଂ ବିଶ୍ୱାସକୁ ବିନିଯୋଗ କର । କାରଣ ବିଶ୍ୱାସ ମଧ୍ୟ ଅତ୍ୟନ୍ତ ଆବଶ୍ୟକ ଅଟେ। ସୁତରାଂ ପବିତ୍ର କୁରାଆନ୍ କରୀମ୍ ଓ ଅନ୍ୟ ଧର୍ମଗ୍ରନ୍ଥରେ ଏହା ହିଁ ସ୍ୱଷ୍ଟ ପାର୍ଥକ୍ୟ ଅଟେ । ଅନ୍ୟ କୌଣସି ଧର୍ମଗ୍ରନ୍ଥ ନିଜର ଶିକ୍ଷାକୁ ବୁଦ୍ଧି ବିବେକ, ଚିନ୍ତା ଚେତନାର ନିଗୂଢ ଏବଂ ସ୍ୱାଧୀନ ଆଲୋଚକ ଆଗରେ ପକାଇବାକୁ ସାହାସ କରି ନାହିଁ ।"

ଆପଣ ଅ.ସ ଇଞ୍ଜିଲ୍ ଧର୍ମଗ୍ରନ୍ଥର ଉଦାହରଣ ଦେଇ କୁହନ୍ତି: ଇଞ୍ଜିଲ୍ ଧର୍ମଗ୍ରନ୍ଥର ନୀରବ, ଚତୁର୍ ତଥା ଧୂର୍ତ୍ତ ସମର୍ଥକମାନେ ଏହା ଭାବି ଇଞ୍ଜିଲର ଶିକ୍ଷାକୁ ବୌଦ୍ଧିକ ଶକ୍ତି ତୁଳନାରେ ନିର୍ଜୀବ ଓ ନିକୃଷ୍ଟ ମନେକରି ଅତ୍ୟନ୍ତ ସତର୍କତାର ସହିତ ନିଜର ଆସ୍ଥାରେ ଏହି ପ୍ରସଙ୍ଗକୁ ପ୍ରବିଷ୍ଟ କରାଇ ନେଲେ ଯେ, ତସଲିସ୍ (ତ୍ରିଦେବତ୍ୱ) ଓ କଫ୍ଫାରା (କୌଣସି ପାପରୁ ଶୁଦ୍ଧି ହେବା ନିମନ୍ତେ କରିବାକୁ ଥିବା କୃତ୍ୟ ବା ପ୍ରାୟଶ୍ଚିତ୍ତ) ଏଭଳି ରହସ୍ୟ ଅଟନ୍ତି ଯାହାର ମୂଳ ବା ବାସ୍ତବତା ପର୍ଯ୍ୟନ୍ତ ମାନବିକ ବୁଦ୍ଧି ପହଞ୍ଚି ପାରିବ ନାହିଁ ।" ଏହା ଅତ୍ୟନ୍ତ ଗହ୍ୱର ଜ୍ଞାନ ଅଟେ । ତୁମେମାନେ ଏହା ପର୍ଯ୍ୟନ୍ତ ପହଞ୍ଚି ପାରିବ ନାହିଁ । ତେଣୁ ଯେଉଁଠି ଓ ଯେଉଁ ରୂପରେ କୁହାଯାଏ ତାହାକୁ ସ୍ୱୀକାର କରିନିଅ । କିନ୍ତୁ ଏହାର ବିପରୀତ ପବିତ୍ର କୁରଆନ୍ କରୀମର ଏହି ଶିକ୍ଷା ରହିଛି ଯେ, اِنَّ فِیۡ خَلۡقِ السَّمٰوٰتِ وَالۡاَرۡضِ وَاخۡتِلَافِ الَّیۡلِ وَالنَّهَارِ لَاٰیٰتٍ لِّاُولِی الۡاَلۡبَابِ۔ الَّذِیۡنَ یَذۡکُرُوۡنَ اللّٰهَ **(ଆଲେ ଇମ୍ରାନ୍: 192-191)** ବାସ୍ତବିକ୍ ଆକାଶ ଓ ପୃଥିବୀର ସୃଷ୍ଟିରେ ଏବଂ କ୍ରମାନ୍ୱୟରେ ଦିନ ଓ ରାତିର ଆଗମନରେ ଜ୍ଞାନୀ ଲୋକମାନଙ୍କ ପାଇଁ ଅନେକ ନିଦର୍ସ ରହିଅଛି । ଉପରୋକ୍ତ ଆୟତରେ କିପରି ସ୍ୱଷ୍ଟ ଆଦେଶ ରହିଛି ଯେ, ବୁଦ୍ଧିମାନ ବ୍ୟକ୍ତି ନିଜର ବୁଦ୍ଧି ଓ ବେବେକକୁ ମଧ୍ୟ ବିନିଯୋଗ କରନ୍ତୁ ଓ ବିଚାର କରନ୍ତୁ । **(ମଲଫୁଜାତ୍, ଭାଗ1-, ପୃ63-62, ପ୍ରକାଶନଓ ବର୍ଷ-1984 ମସିହା)**

ଆପଣ ଅ.ସ କୁହନ୍ତି. ପବିତ୍ର କୁରଆନ୍ ଅନନ୍ୟ ରୂପେ ଏକ ତାଗିଦ୍ ଅଟେ । କାରଣ ବୁଦ୍ଧି, ବୋଧ, ଧ୍ୟାନ ଏବଂ ବିଶ୍ୱାସକୁ ବିନିଯୋଗ କରାଯାଉ । ଏହି ପ୍ରସଙ୍ଗ ହିଁ କୁରଆନ୍ ଓ ଅନ୍ୟ ଗ୍ରନ୍ଥ ମଧ୍ୟରେ ଏକ ଅନନ୍ୟ ଓ ଜାଜ୍ୱଲ୍ୟମୟ ପାର୍ଥକ୍ୟ ରୂପେ ବିବେଚିତ । ଅନ୍ୟ କୌଣସି ଧର୍ମଗ୍ରନ୍ଥ ନିଜର ଶିକ୍ଷା, ବୁଦ୍ଧି ବିବେକ ଆଦିକୁ ସ୍ୱାଧୀନ ଭାବରେ ସମାଲୋଚକ ରୂପେ ଉପସ୍ଥାପିତ କରିବାର ଦୁଃସାହସ କରି ନାହାନ୍ତି। ଆପଣ ଅ.ସ ପୁନଶ୍ଚ ପବିତ୍ର କୁରାନ୍ କରୀମ୍ ସଂକ୍ରାନ୍ତରେ କହୁନ୍ତି: "କୁରଆନ୍ ହିଁ ଏକ ସୁରକ୍ଷିତ ଧର୍ମଗ୍ରନ୍ଥ । ପବିତ୍ର କୁରାନ୍ କରୀମର ଯେଉଁ ସାକ୍ଷ୍ୟଗୁଡ଼ିକ ରହିଛି ତାହା ପ୍ରକୃତିର ନିୟମର ତୁଣ୍ଡରୁ ହିଁ ଉଚ୍ଚାରିତ ହୋଇଥାଏ । ଯେପରିକି ଅଲ୍ଲାଃତାଲା ପବିତ୍ର କୁରାନ୍ କରୀମରେ କୁହନ୍ତି: اِنَّهٗ لَقُرۡاٰنٌ کَرِیۡمٌ فِیۡ کِتٰبٍ مَّکۡنُوۡنٍ لَّا یَمَسُّهٗۤ اِلَّا الۡمُطَهَّرُوۡنَ **(ଅଲ୍ ୱାକିଆହ୍: 78-80)** ଅର୍ଥାତ୍ ବାସ୍ତବରେ ଏହି କୁରଆନ୍ କେତେ ମହାନ୍, ଏହା ଏକ ଗୋପନୀୟ ଗ୍ରନ୍ଥ ମଧ୍ୟରେ ରହିଅଛି। ପବିତ୍ର ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ କେହି ବି ଏହାର ସତ୍ୟତାକୁ ଉପଲବ୍ଧି କରାପିରା ନହାନ୍ତି । ଅଲ୍ଲାଃତାଲା କୁହନ୍ତି ଯେ, ନିଃସନ୍ଦେହ ଏହା ଏକ ସମ୍ମାନସ୍ୱଦ ଧର୍ମଗ୍ରନ୍ଥ ଅଟେ । ଏହାର ଅସ୍ତିତ୍ୱ କେବଳ କାଗଜର ପୃଷ୍ଠା ମଧ୍ୟରେ ସୀମିତ ନାହିଁ। ବରଂ ତାହା ଏକ ପ୍ରକାଶିତ ପୁସ୍ତକରେ ବିଦ୍ୟମାନ ରହିଛି ଏବଂ ସେହି ପୁସ୍ତକକୁ ସ୍ୱଭାବିକ ପୁସ୍ତକ ବୋଲି କୁହନ୍ତି । ଅର୍ଥାତ ପବିତ୍ର କୁରଆନ୍ର ସମସ୍ତ ଶିକ୍ଷାର ସାକ୍ଷ୍ୟ, ପ୍ରକୃତିଗତ ନିୟମର କ୍ଷୁଦ୍ର କଣିକାର ତୁଣ୍ଡରୁ ଉଚ୍ଚାରିତ ହୋଇଥାଏ । ଏହାର ଶିକ୍ଷା ଓ ଏହାର କଲ୍ୟାଣ କଥା ଓ କାହାଣୀ ନୁହେଁ ଯେ, ତାହା ଲିଭିଯିବ । **(ମଲଫୁଜାତ୍, ଭାଗ-1, ପୃ-64-65, ପ୍ରକାଶନ ବର୍ଷ 1984 ମସିହା)**

ବରଂ ଯେଉଁ ବ୍ୟକ୍ତି ଉକ୍ତ ଗ୍ରନ୍ଥକୁ ବୁଝିବ ଏବଂ ଏହାର ଆଦେଶାବଳୀ ଅନୁଯାୟୀ ଏହାକୁ କାର୍ଯ୍ୟକାରୀ କରିବ ସେହି ବ୍ୟକ୍ତି ହିଁ ପ୍ରଭୁଙ୍କର କୃପାକୁ ପ୍ରାପ୍ତ କରିପାରିବ। କିନ୍ତୁ ଏହା ମନେରଖିବା ଉଚିତ୍ ଯେ, ଏହାର ଗୂଢ଼ ରହସ୍ୟ ପବିତ୍ର ବ୍ୟକ୍ତିମାନଙ୍କ ଉପରେ ହିଁ ଉନ୍ମୋଚିତ ହୋଇଥାଏ ଏବଂ ଏଥିପାଇଁ ସାଧୁଜନଙ୍କ ଗହଣରୁ ଉପକୃତ ହେବାର ଆବଶ୍ୟକତା ରହିଛି । ସାଂପ୍ରତିକ ଯୁଗରେ ହ. ମସିହ୍ ମଉଦ୍ ଅ.ସ ହିଁ ସେହି ପବିତ୍ର ମହାପୁରୁଷ ତଥା ଯୁଗାବତାର ଅଟନ୍ତି ଯେ କି ଅଲ୍ଲାଃତାଲାଙ୍କ ଠାରୁ ଜ୍ଞାନ ଓ ସୂଚନା ପ୍ରାପ୍ତ କରି ଯେଉଁ କୋଟିନିଧିମୂଳକ ଜ୍ଞାନ ବର୍ଣ୍ଣନା କରିଛନ୍ତି ସେହି ଜ୍ଞାନକୁ ଆମେମାନେ ନିଜ ସମ୍ମୁଖରେ ରଖି ଏହା ଉପରେ ବିଚାର କରିବା ଉଚିତ। ସେହି ବ୍ୟାଖ୍ୟା ହିଁ ଆପଣଙ୍କ ଜ୍ଞାନ ଅନୁଯାୟୀ ଜମାଅତ୍ ଅହେମଦିୟରେ ଯେଉଁ ଲେଖା ରହିଛି ତହିଁରେ ମଧ୍ୟ ବର୍ଣ୍ଣିତ ହୋଇଛି ।

ଆପଣ ଅ.ସ କୁହନ୍ତି : ପବିତ୍ର କୁରଆନ୍ କରୀମ୍ର ନାମ ଜିକର୍ କାହିଁକି ରଖାଯାଇଛି ? ତତସଂକ୍ରାନ୍ତରେ ଆପଣ ଅ.ସ କୁହନ୍ତି: " ପବିତ୍ର କୁରାନ୍ କରୀମର ନାମ ଜିକର ଏଇଥିପାଇଁ ରଖାଯାଇଛି ଯେ, ଏହା ମନୁଷ୍ୟର ଅନ୍ତରୀଣ ଧର୍ମବିଧାନକୁ ସ୍ମରଣ କରାଇଥାଏ । ଯାହାକି ମନୁଷ୍ୟ ମଧ୍ୟରେ ବିଭିନ୍ନ ଶକ୍ତି ଆକାରରେ ଗଚ୍ଛିତ ହୋଇ ରହିଛି । ଯଥା- କୋମଳତା, ବିନୀତତା, ବଳିଦାନ, ସାହାସିକତା, ବଳପୂର୍ବକତା, କ୍ରୋଧ, ମିତବ୍ୟୟିତା ଇତ୍ୟାଦି ଇତ୍ୟାଦି । ଏଣୁ ମନୁଷ୍ୟ ସ୍ୱଭାବରେ ଯେଉଁସବୁ ଗୁଣାବଳୀଗୁଡ଼ିକ ଲୁକ୍କାୟିତ ହୋଇ ରହିଥିଲା ସେହି ସବୁ ଗୁଣାବଳୀଗୁଡ଼ିକୁ ପବିତ୍ର କୁରଆନ୍ ପୁନଃ ସ୍ମରଣ କରାଇ ଦେଇଛି ଯେପରିକି ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମରେ କୁହନ୍ତି: فِیۡ کِتٰبٍ مَّکۡنُوۡنٍ **(ଅଲ୍ ୱାକିଆହ୍: 79)** ବାସ୍ତବରେ ଏହି କୁରଆନ୍ କେତେ ମହାନ୍ ଅତଃ ଆମମାନଙ୍କୁ ଏହି ଦୃଷ୍ଟିକୋଣ ଅନୁଯାୟୀ ପବିତ୍ର କୁରାଆନ୍ କରୀମ୍ ପାଠ କରିବା ଉଚିତ୍ । ମନୁଷ୍ୟ ମଧ୍ୟରେ ଯେଉଁ ସମାର୍ଥ୍ୟତା ରହିତିଲା ସେଗୁଡ଼ିକୁ ସତସ୍ୱଭାବ ଆଡ଼କୁ ନିର୍ଦ୍ଦେଶିତ କରିଥାଏ । ଅତଏବ ସେହି ପ୍ରକୃତ ସ୍ୱଭାବ ଠାରୁ ଆଜିକାଲି ବିଶେଷ ରୂପେ ମନୁଷ୍ୟ ଦୂରେଇ ଯାଉଛି ଓ ପବିତ୍ର କୁରଆନ୍ କରୀମ ଏହାକୁ କାଢି ବର୍ଣ୍ଣନା କରିଥାଏ ଓ ଏହି ଦୂରେଇ ରହିବା ହେତୁ ଆମେମାନେ ଏହା

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ପବିତ୍ର କୁରଆନକୁ ବୁଝିବା ଓ ତା' ମୁତବାକ ହିଦାୟତ୍ ପାଇଁ ଅସଲ ଆବଶ୍ୟକତା ହେଉଛି ତକୱା (ଅର୍ଥାତ ଧର୍ମପରାୟଣତା)" ।

(ମଲଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Idris Khan, Jamat Ahmadiya Kerang, Mahmoodabad (Odisha)

### କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ତୁମେ ଆପୋଷରେ ଖୁବ୍ ଶୀଘ୍ର ସୁଲାହ୍ କରିନିଅ ଓ ନିଜ ଭାଇ ଭଉଣୀମାନଙ୍କ ଦୋଷକୁ କ୍ଷମା କର । କାରଣ ଦୁଷ୍ଟ ହେଉଛି ସେହି ବ୍ୟକ୍ତି ଯିଏ ନିଜ ଭାଇ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ " ।

(ମଲ୍ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Abdul Chand & Family, Jamat Ahmadiya Kerang, Darul Anwar (Odisha)

ଅବଲୋକନ କରିଥାଉ ଯେ,ସାଂପ୍ରତିକ କାଳରେ କେତେକ ଅଣଚରିତ୍ର ଭିତ୍ତିକ ଓ ଅସ୍ୱାଭାବ ଭିତ୍ତିକ ଆଇ ପ୍ରଣୟନ କରିବା ପ୍ରତି ଦୃଷ୍ଟି ଆକର୍ଷଣ ହେଉଛି । ମନୁଷ୍ୟ ଏହାକୁ ବିଗାଡ଼ିବାକୁ (ବିକୃତ କରିବାକୁ) ଚେଷ୍ଟା କରୁଛି । ଅଲ୍ଲାଃତାଲା କୁହନ୍ତି: ପବିତ୍ର କୁରଆନ୍ ଉପରେ ଚିନ୍ତନ କର, ଏହା ଉପରେ କାର୍ଯ୍ୟାନୁସରଣ କରିବା ଫଳରେ ତୁମେ ମାନବିକ ସ୍ୱଭାବର ସର୍ବୋଚ୍ଚ ସ୍ତରରେ ଉପନୀତ ହୋଇପାରିବ । ଅତଃ ଏହା ଉପରେ ବିଚାର କରିବା ନିତାନ୍ତ ଆବଶ୍ୟକ ଅଟେ ଓ ଉକ୍ତ ଦୃଷ୍ଟିକୋଣ ଅନୁଯାୟୀ ଆମମାନଙ୍କୁ ପବିତ୍ର କୁରଆନ୍ ପାଠ କରିବା ଓ ବୁଝିବା ଉଚିତ । ପନଶ୍ଚ ଆଜିକାଲି ସ୍ୱାଧୀନତା ନାଁରେ ପିଲା ଓ ବଡ଼ ଲୋକମାନଙ୍କ ମସ୍ତିଷ୍କରେ ଯେଉଁସବୁ ବିଷ ମିଶ୍ରଣ କରାଯାଉଛି ସେହି ବିଷ ଠାରୁ ଆମେମାନେ ନିଜକୁ ସୁରକ୍ଷିତ ରଖି ପାରିବୁ । ଅର୍ଥାତ ପବିତ୍ର କୁରଆନ୍ ପାଠ କରିବା ଫଳରେ ସେହି ବିଷ ଠାରୁ ଦୂରେଇ ରହିପାରିବା । ହୁଜୁର୍ ଅନ୍‌ୱର୍ ଅ.ବ କହିଲେ, ଅନେକ ଅଭିଭାବକମାନେ ପ୍ରଶ୍ନ କରିଥାଆନ୍ତି ଯେ, ଆମର ସନ୍ତାନମାନେ ବିଦ୍ୟାଳୟରୁ ଯାହା କିଛି ଶିକ୍ଷା ଆହରଣ କରି ଆସୁଛନ୍ତି ସେହି ସମସ୍ତ ପ୍ରଶ୍ନର କିପରି ଆମେମାନେ ଉତ୍ତର ପ୍ରଦାନ କରିବୁ? ହୁଜୁର ଅନ୍‌ୱର୍ ଅ.ବ କହିଲେ, ଆପଣମାନେ ଯଦି ଜମାଅତ୍‌ର ସାହିତ୍ୟ, ପ୍ରବନ୍ଧାଦି ଓ ପବିତ୍ର କୁରଆନ୍‌ର ବ୍ୟାଖ୍ୟା ପଢିବେ ତେବେ ଅଭିଭାବକମାନେ ନିଜ ସନ୍ତାନମାନଙ୍କର ପ୍ରଶ୍ନର ଉତ୍ତର ମଧ୍ୟ ଅତି ସହଜରେ ଦେଇ ପାରିବେ ।

ହୁଜୁର ଅ.ସ କୁହନ୍ତି: ଏହିପରି ଭାବରେ ଉକ୍ତ ଗ୍ରନ୍ଥର ନାମ ଜିକର୍ (ଉପଦେଶ) ବୋଲି ଅଲ୍ଲାଃତାଲା ଦର୍ଶାଇଛନ୍ତି । କାରଣ ଏହାକୁ ବାରମ୍ବାର ପାଠ କରାଯାଉ ଓ ଆଭ୍ୟନ୍ତୀରଣ ଓ ଆଧ୍ୟତ୍ମିକ ଶକ୍ତି ଏବଂ ତା'ର ଆଲୋକମୟ ହୃଦୟକୁ ଯାହାକି ଆକାଶୀୟ ପ୍ରଭୁଙ୍କ ଦ୍ୱାରା ମନୁଷ୍ୟ ମଧ୍ୟରେ ନିହିତ ରହିଛି ତାହାକୁ ସ୍ମରଣ କରାଯାଉ । ସୁତରାଂ ଅଲ୍ଲାଃତାଲା ପବିତ୍ର କୁରଆନ୍ କରୀମ୍ ପ୍ରେରଣ କରି ସ୍ୱୟଂ ଏକ ଆଧ୍ୟାତ୍ମିକ ଚମତ୍କାର ଓ ନିଦର୍ଶନ ପ୍ରଦର୍ଶନ କଲେ । ଅତଏବ୍ ତୁମେମାନେ ଏହାକୁ ବାରମ୍ବାର ପାଠ କାର, ଏହା ତୁମକୁ ସ୍ମରଣ କରାଉଥିବ । କାରଣ ମନୁଷ୍ୟ ସେହି ବ୍ରହ୍ମଜ୍ଞାନ ସମ୍ପନ୍ନ ପରିଚୟ, ସତ୍ୟତା ଓ ଆଧ୍ୟାତ୍ମିକ ଚମତ୍କାରକୁ ଅନୁଭବ ତଥା ଅବଗତ କରିନେଉ ଯାହା ସଂପର୍କରେ ସେ ଅବଗତ ନଥିଲା । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହିକି ଯେ, ପବିତ୍ର କୁରଆନ୍ କରୀମ୍‌ର ଉକ୍ତ ଅଭିପ୍ରାୟକୁ ପରିତ୍ୟାଗ କରି ଯାହାକି هُدًى لِّلۡمُتَّقِيۡنَ **(ଅଲ୍ ବକ୍‌ରାହ୍: 3)** ଅଟେ ତାହାକୁ କେବଳ କେତେକ ଗଳ୍ପ, କାହାଣୀର ସମାହାର ବୋଲି ମନେକରିବା ଅତ୍ୟନ୍ତ ନିସ୍ପୃହତା ଓ ସ୍ୱାର୍ଥପରତା ଦ୍ୱାରା ଆରବର ଅବିଶ୍ୱାସକାରୀଙ୍କ ପରି اَسَاطِيۡرُ الۡاَوَّلِيۡنَ (ପୂର୍ବ ଲୋକମାନଙ୍କର କାହାଣୀ) ବୋଲି କହିଦେଲେ । ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ସେହି ସମୟ ଥିଲା ଆଁହଜରତ ସ.ଅଙ୍କ ଆଗମନ କାଳ ଓ ପବିତ୍ର କୁରଆନ୍ କରୀମ୍‌ର ଅବତୀର୍ଣ୍ଣର କାଳ । ପବିତ୍ର କୁରଆନ୍ କରୀମ ସଂସାରରୁ ହଜି ଯାଇଥିବା ସେହି ସତ୍ୟତାକୁ ପୁନଃ ସ୍ମରଣ କରାଇ ଦେବା ନିମନ୍ତେ ଆସିଥିଲା। ବର୍ତ୍ତମାନ ସେହି ସମୟଟି ଆସିଯାଇଅଛି ଯାହା ସଂପର୍କରେ ଆଁହଜରତ ସ.ଅ ଭବିଷ୍ୟତବାଣୀ କରିଥିଲେ ଯେ, ଲୋକମାନେ କୁରଆନ୍ ତ' ପଢିବେ କିନ୍ତୁ ତାହା ସେମାନଙ୍କ ଗଳା ତଳକୁ ଖସିବ ନାହିଁ ଅର୍ଥାତ୍ ସେମାନେ ଏହାର ଆଦେଶବଳୀକୁ କାର୍ଯ୍ୟକାରୀ କରିବେ ନାହିଁ । ଏହି ସମସ୍ତ ଦୃଶ୍ୟକୁ ଆମେମାନେ ସ୍ୱଚକ୍ଷୁରେ ଅବଲୋକନ କରୁଛେ ଯେ, ପୃଥିବୀରେ ଅସଂଖ୍ୟ ପବିତ୍ର କୁରଆନ୍‌କୁ ଆବୃତ୍ତି କରୁଥିବା ବ୍ୟକ୍ତିମାନେ ଅଛନ୍ତି, କିନ୍ତୁ ସେମାନେ ପବିତ୍ର କୁରଆନ୍ ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି । ଅତଃ ତୁମେମାନେ ସ୍ୱଚକ୍ଷୁରେ ସେହି ସବୁ ଦୃଶ୍ୟକୁ ଅବଲୋକନ କରୁଛ ଯେ, ଲୋକମାନେ କିଭଳି ସୁନ୍ଦର କଣ୍ଠରେ ଓ ଅତ୍ୟନ୍ତ ଉତ୍କୃଷ୍ଟ ପଠନ ଶୈଳୀ ମାଧ୍ୟମରେ ପବିତ୍ର କୁରଆନ୍ କରୀମ୍ ଆବୃତ୍ତି କରୁଛନ୍ତି । କିନ୍ତୁ ତାହା ସେମାନଙ୍କ କଣ୍ଠ ତଳକୁ ଖସୁ ନାହିଁ । ଅର୍ଥାତ ସେହି ଆବୃତ୍ତିକର୍ତ୍ତାମାନେ ଏହା ଉପରେ କାର୍ଯ୍ୟାନୁସରଣ କରୁ ନାହାନ୍ତି । ଅତଃ ଯେପରିକି ପବିତ୍ର କୁରଆନ୍ କରୀମ୍‌ର ଅନ୍ୟ ନାମ ଜିକର୍ ଅଟେ । ତାହା ସେହି ପ୍ରାରମ୍ଭିକ କାଳରେ ମାନବିକ ସ୍ୱଭାବ ମଧ୍ୟରେ ଲୁକ୍କାୟିତ ହୋଇ ରହିଥିଲା ଏବଂ ବିସ୍ମୃତ ସତ୍ୟତା ଏବଂ ଧରୋହର ବା ନ୍ୟାସକୁ ପୁନଃ ସ୍ମରଣ କରାଇବା ନିମନ୍ତେ ଆସିଥିଲା । ଅଲ୍ଲାଃତାଲାଙ୍କ ଅଙ୍ଗୀକୃତ ପ୍ରତିଶୃତି ଅନୁଯାୟୀ اِنَّا نَحۡنُ نَزَّلۡنَا الذِّكۡرَ وَاِنَّا لَهٗ لَحٰفِظُوۡنَ **(ଅଲ୍ ହିଜର୍: 10)** ଅର୍ଥାତ୍ ନିଃସନ୍ଦେହ ରୂପେ ଆମ୍ଭେ ହିଁ ଉକ୍ତ ଗ୍ରନ୍ଥକୁ ଅବତୀର୍ଣ୍ଣ କରିଛେ ଓ ଆମ୍ଭେ ହିଁ ଏହାକୁ ସୁରକ୍ଷା ପ୍ରଦାନ କରିବୁ। ସୁତରାଂ ଏହି ଯୁଗରେ ମଧ୍ୟ ଆକାଶ ଲୋକରୁ ଏକ ଶିକ୍ଷକ ଆସିଲା ଯିଏ وَّاٰخَرِيۡنَ مِنۡهُمۡ لَمَّا يَلۡحَقُوۡا بِهِمۡ **(ଅଲ ଜୁମା: 10)**ର ଚରିତାର୍ଥ ଏବଂ ପୁଷ୍ଟିକର୍ତ୍ତା ଓ ପ୍ରତିଶୃତ ବ୍ୟକ୍ତି ଅଟେ । ସେହି ପ୍ରତିଶୃତ ପୁଷ୍ଟିକର୍ତ୍ତା ହେଉଛନ୍ତି ସେହି ବ୍ୟକ୍ତି ଯିଏ ତୁମମାନଙ୍କ ଗହଣରେ ଏହି କଥା କହୁଅଛି ।" (ଅର୍ଥାତ୍ ହ. ମସିହ୍ ମଉଦ୍ ଅ.ସ ସ୍ୱୟଂକୁ ସମ୍ବୋଧିତ କରି କହୁଛନ୍ତି) **(ମଲଫୁଜାତ୍, ଭାଗ-1, ପୃ-60, ପ୍ରକାଶନ ବର୍ଷ-1988 ମସିହା)**

ଏପରି ହୁଅନ୍ତା କି ମୁସଲମାନମାନଙ୍କ ମୁଣ୍ଡରେ ହେଜ ପଶନ୍ତା କି ସେମାନେ ସେହି ବ୍ୟକ୍ତି ଆଡ଼କୁ ଧ୍ୟାନ ଦିଅନ୍ତେ ଯେଉଁ ବ୍ୟକ୍ତିକୁ ସ୍ୱୟଂ ପ୍ରଭୁ ପ୍ରେରଣ କରିଛନ୍ତି, ସେମାନେ ସେହି ଯୁଗାବତାରଙ୍କ କଥାକୁ ଶୁଣନ୍ତୁ, ନିଜର ଆଭ୍ୟନ୍ତରୀଣ ଅବସ୍ଥାକୁ ଅନୁଧ୍ୟାନ କରନ୍ତୁ, ଆତ୍ମ ସମୀକ୍ଷା କରନ୍ତୁ, ଯୁଗର ଆବଶ୍ୟକତାକୁ ହୃଦୟଙ୍ଗମ କରନ୍ତୁ, ମୁସଲମାନମାନଙ୍କର ସାମୂହିକ ଅବସ୍ଥାକୁ ଦେଖନ୍ତୁ, କେବଳ ପ୍ରକାଶ୍ୟଗତ ଫତ୍‌ୱା (ଧର୍ମାଜ୍ଞା) ଉପରେ ଜୋର ଦେଇ ଇସ୍‌ଲାମ୍ ଧର୍ମକୁ ବଦ୍‌ନାମ କରିବା ପାଇଁ ଅପଚେଷ୍ଟା କରନ୍ତୁ ନାହିଁ । ପବିତ୍ର କୁରଆନ୍‌ର ବାସ୍ତବତାକୁ ହୃଦୟଙ୍ଗମ କରନ୍ତୁ । ସେ ଯାହା ହେଉ ନା କାହିଁକି ଆମ ଅହେମଦିମାନଙ୍କୁ ସର୍ବଦା ନିଜର ଆତ୍ମ ସମୀକ୍ଷା କରିବା ଉଚିତ ଯେ, ଆମେମାନେ କେତେଦୂର ପର୍ଯ୍ୟନ୍ତ ପବିତ୍ର କୁରଆନ୍‌ର ଶିକ୍ଷାକୁ ବୁଝିଛୁ ଓ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରୟାସ କରିଥାଉ କିମ୍ବା କରୁଅଛୁ ?

ପୁନଶ୍ଚ ଉକ୍ତ କଥାକୁ ବର୍ଣ୍ଣନା କରି ଆପଣ ଅ.ସ କୁହନ୍ତି ଯେ, ପବିତ୍ର କୁରଆନ୍ କରୀମ୍ ମନୁଷ୍ୟକୁ ପ୍ରକୃତ ଜ୍ଞାନ ସହିତ ପରିଚିତ କରିବାକୁ ପ୍ରୟାସୀ ଅଟେ ।"ଯେପରି ଅଲ୍ଲାଃତାଲା ଚାହୁଁଛନ୍ତି ଯେ, ଲୋକମାନେ ତାଙ୍କୁ ଭୟ କରନ୍ତୁ ଠିକ୍ ସେହିପରି ପବିତ୍ର କୁରଆନ୍ କରୀମ୍ ମଧ୍ୟ ଏହା ଚାହେଁ ଯେ, ଲୋକମାନଙ୍କ ମଧ୍ୟରେ ଜ୍ଞାନର ଆଲୋକ ସୃଷ୍ଟି ହେଉ । ତେଣୁ କେବଳ ଭୟ ନୁହେଁ ବରଂ ଲୋକମାନଙ୍କ ମଧ୍ୟରେ ଜ୍ଞାନର କିରଣ ମଧ୍ୟ ସୃଷ୍ଟି ହେଉ । ସେହି ଆଲୋକ ମାଧ୍ୟମରେ ପରିଚୟର ସେହି ଦୂରତାକୁ ଅତିକ୍ରମ କରାଯାଉ । ଜ୍ଞାନର ଆଲୋକ ବା କିରଣ କିପରି ସୃଷ୍ଟି ହେବ ଯେ, ଏହା ଦ୍ୱାରା ପରିଚୟ ସୃଷ୍ଟି ହେବ ଏବଂ ଚିନ୍ତାଧାରା ବ୍ୟାପକ ହେବ। କାରଣ ପ୍ରକୃତ ଜ୍ଞାନ ସହିତ ଅବଗତ ହେବା ଫଳରେ ଯେଉଁଠି ପ୍ରକୃତ ଭୟ ହୃଦୟରେ ସୃଷ୍ଟି ହୋଇଥାଏ ଅପରପକ୍ଷେ ସେହି ଜ୍ଞାନ ଦ୍ୱାରା ଈଶ୍ୱର ଉପାସନା ମଧ୍ୟ ସୃଷ୍ଟି ହୋଇଥାଏ । ସୁତରାଂ ଯେତେବେଳେ ଜଣେ ବିଶ୍ୱାସକାରୀ ବ୍ୟକ୍ତି ଏହିପରି ଚିନ୍ତା କରିଥାଏ, ପବିତ୍ର କୁରଆନ୍ କରୀମ୍ ଉପରେ ବିଚାର କିରଥାଏ, ସେହି ଜ୍ଞାନ ଆହରଣ କରିଥାଏ ଯାହାକି ସାଂସାରିକ ଜ୍ଞାନ ଅଟନ୍ତି । ସେଗୁଡ଼ିକୁ ମଧ୍ୟ ପବିତ୍ର କୁରଆନ୍ କରୀମ୍ ଉପରେ ଯେତେବେଳେ ପରୀକ୍ଷା କରିଥାଏ ସେତେବେଳେ ପରିଚୟ ମଧ୍ୟ ସୃଷ୍ଟି ହୋଇଥାଏ । ଅଲ୍ଲାଃତାଲାଙ୍କର ଭୟ ମଧ୍ୟ ସୃଷ୍ଟି ହୋଇଥାଏ। କିନ୍ତୁ ଏପରି କେତେକ ହତଭାଗ୍ୟ ମଧ୍ୟ ଅଛନ୍ତି ଯେଉଁମାନେ ଜ୍ଞାନରେ ନିମଜ୍ଜିତ ତଥା ତଲ୍ଲୀନ ହୋଇ ବିଧି ବିଧାନ (ଭାଗ୍ୟବାଦ) ଠାରୁ ଦୂରେଇ ଯାଆନ୍ତି । ଫଳତଃ ସେମାନେ ପ୍ରଭୁଙ୍କ ଅସ୍ତିତ୍ୱ ଉପରେ ସନ୍ଦେହ ଓ ସଂଶୟ ପ୍ରକାଶ କରି ବସନ୍ତି । ସେହିପରି ଆଉ କେତେକ ଏପରି ମଧ୍ୟ ଅଟନ୍ତି ଯେଉଁମାନେ ବିଧିର ବିଧାନ (ଭାଗ୍ୟବାଦ) ସଂପର୍କରେ ନିରୁତ୍ତର ହୋଇ ଜ୍ଞାନ ପ୍ରତି ଅନାସକ୍ତ ଓ ବିରକ୍ତ ହୋଇଯାଆନ୍ତି କିମ୍ବା ସାଂସାରିକ ଜ୍ଞାନକୁ ଆଳ କରି, ନୂତନ ଜ୍ଞାନକୁ ଆଳ କରି ଅଲ୍ଲାଃତାଲାଙ୍କୁ ଭୁଲି ବସିଲେ ଅବା ଅନ୍ୟମାନେ ଯେଉଁମାନେ ଅଲ୍ଲାଃତାଲାଙ୍କ ଆଡ଼କୁ ଆସିବା ଆଳରେ ଜ୍ଞାନ ଠାରୁ ଭୟଭୀତ ହୋଇ ଏହାକୁ ପରିତ୍ୟାଗ କରିଦେଲେ ଓ କହିଦେଲେ ଯେ, ଏହା ଭୁଲ୍ ଅଟେ ।" ହ. ମସିହ୍ ମଉଦ୍ ଅ.ସ କୁହନ୍ତି: "କିନ୍ତୁ ପବିତ୍ର କୁରଆନ୍ କରୀମ୍ ଉଭୟ ପ୍ରକାରର ଶିକ୍ଷା ପ୍ରଦାନ କରିଛି ଓ ପୂର୍ଣ୍ଣ ରୂପେ ଉଭୟ ପ୍ରକାରର ଶିକ୍ଷା ପ୍ରଦାନ କରିଛି । ପବିତ୍ର କୁରଆନ୍ କରୀମ୍ ପ୍ରକୃତ ଜ୍ଞାନ ସହିତ ଏଇଥିପାଇଁ ଅବଗତ କରାଇବାକୁ ପ୍ରୟାସୀ ଓ ଏଥିପାଇଁ ମନୁଷ୍ୟର ଦୃଷ୍ଟି ଆକର୍ଷଣ କରିଥାଏ ଯେ, ପବିତ୍ର କୁରଆନ୍ କରୀମ୍ ଦ୍ୱାରା ଈଶ୍ୱରଙ୍କ ଭୟ ମନରେ ଜାତ ହୋଇଥାଏ ଓ ପ୍ରଭୁଙ୍କର ବ୍ରହ୍ମଜ୍ଞାନମୂଳକ ପରିଚୟରେ ବ୍ୟକ୍ତି ଯେତେ ଯେତେ ଉନ୍ନତି ହୋଇଥାଏ ସେତିକି ପ୍ରଭୁଙ୍କର ମର୍ଯ୍ୟାଦା ଓ ତାହାଙ୍କ ପ୍ରତି ପ୍ରେମ ଉତ୍ପନ୍ନ ହୋଇଯାଇଥାଏ । ପବିତ୍ର କୁରାଆନ୍ କରୀମ ମନୁଷ୍ୟକୁ ଭାଗ୍ୟବାଦ ଅଧୀନ ହୋଇ ରହିବା ପାଇଁ ଏଇଥି ପାଇଁ ଶିକ୍ଷା ପ୍ରଦାନ କରିଥାଏ ଯେ, ତହିଁରେ

### ହଦିସେ ନବୱୀ ସ.ଅ.ସ :-

"ନମାଜ ପରିତ୍ୟାଗ କରିବା ଫଳରେ ମନୁଷ୍ୟ ଶିର୍କ ଏବଂ କୁଫର୍ (ଅନ୍ୟ କାହାକୁ ଅଲ୍ଲାଃଙ୍କ ସହିତ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟବର୍ତ୍ତୀ କରିଦିଏ " ।

(ମୁସ୍‌ଲିମ୍, କିତାବୁଲ୍ ଇମାନ୍)

ତାଲିବେ ଦୁଆ: Majlis Lajna Imaillah, Jamat Ahmadiya Kerang (Odisha)

### ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମ ଇବାଦାତ୍ ଅର୍ଥାତ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି" ।

(ମଲ୍‌ଫୁଜାତ୍, ଖଣ୍ଡ-5, ପୃ-121)

ତାଲିବେ ଦୁଆ: Hawa Bibi & Family,Jamat Ahmadiya Kerang, Darul Fazal (Odisha)

ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଓ ଭରସାର ଗୁଣ ସୃଷ୍ଟି ହେଉ ଏବଂ ପ୍ରଭୁଙ୍କ ଇଚ୍ଛାରେ ପ୍ରସନ୍ନ ଓ ସନ୍ତୁଷ୍ଟ ରହିବାର ବାସ୍ତବତା ଠାରୁ ଅବଗତ ହୋଇ ଏକ ପ୍ରକୃତ ତୃପ୍ତି ଓ ସନ୍ତୁଷ୍ଟି ଯାହାକି ମୋକ୍ଷର ପ୍ରକୃତ ଅଭିପ୍ରାୟ ଓ ଅଭିପ୍ସା ଅଟେ ତାହାକୁ ପ୍ରାପ୍ତ କରୁ ।" **(ମଲ୍‌ଫୁଜାତ୍, ଭାଗ-1, ପୃ-223-224, ପ୍ରକାଶନ ବର୍ଷ-1984 ମସିହା)**

ହ. ମସିହ୍ ମଉଦ୍ ଅ.ସ କୁହନ୍ତି: ଅଲ୍ଲାଃତାଲା ଏହି ଧର୍ମକୁ ପବିତ୍ର କୁରଆନ୍ କରୀମ୍ ଆକାରରେ ପ୍ରକୃତ ଜ୍ଞାନର ନିର୍ଝର ରୂପେ ପ୍ରଦାନ କରିଛନ୍ତି । ସୁତରାଂ ଯେଉଁ ବ୍ୟକ୍ତି ପବିତ୍ର କୁରଆନ୍ କରୀମ୍‌ର ସେହି ସତ୍ୟତା ଓ ପରିଚୟକୁ ପ୍ରାପ୍ତ କରିନିଏ ଯାହାକି ପବିତ୍ର କୁରଆନ୍‌ରେ ବର୍ଣ୍ଣିତ ହୋଇଛି, ଯାହା କେବଳ ପ୍ରକୃତ ଧର୍ମପରାୟଣତା ଏବଂ ଈଶ୍ୱରଭୀରୁତା ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ ତେବେ ସେପରିପ୍ରେକ୍ଷୀରେ ଉକ୍ତ ବ୍ୟକ୍ତିକୁ ତାହାସବୁ ପ୍ରାପ୍ତ ହୋଇଥାଏ ଯାହାକି ଉକ୍ତ ବ୍ୟକ୍ତିକୁ ଇସ୍ରାଇଲୀୟ ଅବତାରମାନଙ୍କର ସଦୃଶ ଓ ସମକକ୍ଷ କରିଦେଇଥାଏ। ଏକଥା ନିରାଟ ସତ୍ୟ ଯେ, ଯଦି କୌଣସି ବ୍ୟକ୍ତିକୁ ଅସ୍ତ୍ରଶସ୍ତ୍ର ଦିଆଯାଇଛି। ସେ ଯଦି ଉକ୍ତ ଅସ୍ତ୍ରଶସ୍ତ୍ରକୁ ଉପଯୋଗ କରି ନାପାରେ ତେବେ ଏହା ତା'ର ନିଜସ୍ୱ ଦୋଷ ହେବ ନା କି ଅସ୍ତ୍ରର । ବର୍ତ୍ତମାନ ସଂସାରର ଏହିପରି ଦଶା ହେଉଅଛି। ମୁସଲମାନମାନଙ୍କ ନିକଟରେ ଯେଉଁ ଅତୁଲ୍ୟ ବରଦାନ, ପୁରସ୍କାର ହେବା ସତ୍ତ୍ୱେ ଯାହାକି ମୁସଲମାନମାନଙ୍କୁ ବିଚ୍ୟୁତି ମାର୍ଗରୁ ମୋକ୍ଷ ଆଡ଼କୁ ଅଗ୍ରସର କରାଇ ମୁକ୍ତି ପ୍ରଦାନ କରିଥାଏ ଓ ପ୍ରତ୍ୟେକ ପ୍ରକାରର ଅନ୍ଧକାରରୁ ଉଦ୍ଧାର ତଥା ବାହାର କରିଥାଏ । ସେହି ପୁରସ୍କାରକୁ ସେମାନେ ହାତଛଡ଼ା କରିଦେଲେ ଓ ତା'ର ପବିତ୍ର ଶିକ୍ଷା ପ୍ରତି କିଛି ବି ଭୃକ୍ଷେପ କଲେ ନାହିଁ । ପରିଣାମ ଏହା ହେଲା ଯେ, ସେହି ଲୋକମାନେ ଇସ୍‌ଲାମ୍ ଧର୍ମ ଠାରୁ ସଂପୂର୍ଣ୍ଣ ରୂପେ ଦୂରେଇ ଯାଇଛନ୍ତି । **(ମଲ୍‌ଫୁଜାତ୍, ଭାଗ-1, ପୃ-349, ପ୍ରକାଶନ ବର୍ଷ-1984ମସିହା)**

ସୁତରାଂ ହୁଜୁର ଅନ୍‌ୱର୍ ଅ.ବ ଯେପରି କହିଲେ ଯେ, ମୁସଲମାନମାନେ ପବିତ୍ର କୁରଆନ୍ କରୀମ୍‌ର ଭବ୍ୟ ଶିକ୍ଷା ଠାରୁ ଦୂରେଇ ଯାଇ ନାମକୁ ମାତ୍ର ମୁସଲମାନ ବୋଲାଉଛନ୍ତି । ସେମାନେ ବିଭିନ୍ନ ସମୟରେ ଆଜିକାଲି ସାମାଜିକ ଗଣମାଧ୍ୟମରେ କେତେକ ଛୋଟ ଛୋଟ କାର୍ଯ୍ୟକ୍ରମ ଅବା ଭିଡ଼ିଓ କ୍ଲିପ୍ ଦେଖାଇ ଥାଆନ୍ତି ଯେଉଁମାନେ ଲୋକମାନଙ୍କର ଇଣ୍ଟରଭ୍ୟୁ ନିଅନ୍ତି । ଯହିଁରୁ ଏହା ଜଣାପଡୁଛି ଯେ, ଲୋକମାନଙ୍କୁ ଇସ୍‌ଲାମ୍ ଧର୍ମର ପ୍ରାରମ୍ଭିକ ଶିକ୍ଷାର ସାମାନ୍ୟତମ ଜ୍ଞାନ ମଧ୍ୟ ନାହିଁ ଏବଂ ମୁସଲମାନମାନେ ଇସ୍‌ଲାମ୍ ଧର୍ମର ଇତିହାସ ସଂପର୍କରେ ଅନବଗତ ଅଟନ୍ତି । ଅତଃ ଲୋକମାନେ ମୌଲବୀମାନଙ୍କର ପ୍ରରୋଚନାରେ ପଡ଼ି ନବୀଙ୍କ ସମ୍ମାନ କିମ୍ବା କୁରଆନ୍ ଅବା ସାହାବାମାନଙ୍କର ନାଁକୁ ଆୟୁଧ କରି ଜମାଅତ୍ ଅହେମଦିୟା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଏବଂ ଅହେମଦିମାନଙ୍କର କ୍ଷୟକ୍ଷତି ଘଟାଇବା ପାଇଁ ଆପ୍ରାଣ ଉଦ୍ୟମ କରିଥାନ୍ତି । ବାଂଲାଦେଶରୁ ହିଁ ଜଣେ ବ୍ୟକ୍ତି ମୋ ନିକଟକୁ ଏକ ପତ୍ର ଲେଖିଲେ ଯେ, ହୁଜୁର୍ ! ଯେତେବେଳେ ବିରୋଧୀମାନଙ୍କର ଭିଡ଼ ମାଡ଼ି ଆସିଲା ଏବଂ ସେମାନେ ଆମମାନଙ୍କ ଉପରେ ଆକ୍ରମଣ କଲେ ସେତେବେଳେ ସେମାନଙ୍କ ମଧ୍ୟରୁ ଜଣେ ବାଳକ ଆମ ଉପରକୁ ଟେକା ପଥର ଫିଙ୍ଗୁଥିଲା । ସେତେବେଳେ ଆମର ଜଣେ ଅହେମଦି ବ୍ୟକ୍ତି ଉକ୍ତ ବାଳକକୁ କହିଲେ ବା ପଚାରିଲେ ଯେ, ତୁମେ ଏ କ'ଣ କରୁଛ ? କ'ଣ ପବିତ୍ର କୁରଆନ୍‌ରେ ଟେକା ଫିଙ୍ଗିବା ସଂପର୍କରେ ଲେଖାଅଛି ଯେ, ଅହେମଦି ଅବା ଅନ୍ୟ ଲୋକମାନଙ୍କ ଉପରକୁ ଟେକା ଫିଙ୍ଗ ? କ'ଣ ଇସ୍‌ଲାମ୍ ଧର୍ମ ଏହି ଶିକ୍ଷା ଦେଇଛି ଯେ, ନିରୀହ ଲୋକମାନଙ୍କ ଉପରକୁ ଟେକା ଫିଙ୍ଗିବ ଓ ସେମାନଙ୍କ ଉପରେ ଅକଥନୀୟ ଅତ୍ୟାଚାର କରିବ ତଥା ନିର୍ଯାତନ ଦେବ ? ଅହେମଦି ବ୍ୟକ୍ତି ଜଣକ କହିଲେ, ଆମେ ତ' କଲ୍‌ମା ଉଚ୍ଚାରଣକାରୀ ଅଟୁ । ସୁତରାଂ ସେହି ବାଳକଟି ବୁଝିଗଲା ଏବଂ ପଥର ତଳେ ପକାଇ ଦେଲା । ହୁଜୁର ଅନ୍‌ୱର୍ ଅ.ବ କହିଲେ, ଅତଏବ୍ ଏଭଳି ଲୋକମାନେ ମୌଲବୀମାନଙ୍କ କଥାରେ ପଡ଼ି ଉତ୍ତେଜିତ ଉତ୍କ୍ଷିପ୍ତ ହୋଇ ଉଠିଥାନ୍ତି । ଅଲ୍ଲାଃତାଲା ସେହି ଉପଦ୍ରବକାରୀ ଓ ଉତ୍ତେଜନାକାରୀଙ୍କ ଠାରୁ ଆମମାନଙ୍କୁ ସୁରକ୍ଷିତ ରଖନ୍ତୁ ଏବଂ ଆମମାନଙ୍କୁ ଏହି ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆମେମାନେ କେବଳ ରମ୍‌ଜାନ୍ ମାସରେ ନୁହେଁ ବରଂ ପରେ ମଧ୍ୟ କୁରଆନ୍‌କୁ ଭଲ ଭାବରେ ବୁଝିବା ଏବଂ ଶିଖିବା ଓ ଏହାକୁ କାର୍ଯ୍ୟକାରୀ କରିବା ବ୍ୟକ୍ତି ରୂପେ ବିବେଚିତ ହେବା ନିମନ୍ତେ ଆମମାନଙ୍କୁ ସାମର୍ଥ୍ୟ ପ୍ରାପ୍ତ ହେଉ । **ଆମିନ୍ ।**

ହୁଜୁର ଅନ୍‌ୱର୍ ଅ.ବ କହିଲେ: ରମ୍‌ଜାନ୍ ମାସରେ ଦୁଆ କରିବା ପ୍ରତି ବିଶେଷ ରୂପେ ଧ୍ୟାନ ଦିଅନ୍ତୁ । ଅଲ୍ଲାଃତାଲା ପ୍ରତ୍ୟେକ ଅହେମଦିକୁ ସମସ୍ତ ପ୍ରକାରର ଉପଦ୍ରବରୁ ସୁରକ୍ଷିତ ରଖନ୍ତୁ । ପ୍ରତ୍ୟେକ ଅହେମଦିକୁ ଅବିଚଳତା ପ୍ରଦାନ କରି ବିଶ୍ୱାସରେ ଅଭିବୃଦ୍ଧି କରନ୍ତୁ ଓ ଅଲ୍ଲାଃତାଲାଙ୍କ ଦୃଷ୍ଟିରେ ଯେଉଁ ବ୍ୟକ୍ତିମାନଙ୍କର ସଂଶୋଧନ ହୋଇପାରିବ ନାହିଁ ସେମାନଙ୍କୁ ଉଚିତ ଶାସ୍ତି ପ୍ରଦାନ କରି ସେମାନଙ୍କୁ ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତମୂଳକ ନିଦର୍ଶନ କରିଦିଅନ୍ତୁ । କାରଣ ଅନ୍ୟ ଲୋକମାନେ ଅଲ୍ଲାଃତାଲାଙ୍କର ଆଦେଶାବଳୀ ଉପରେ କାର୍ଯ୍ୟାନୁସରଣକାରୀ ବ୍ୟକ୍ତି ରୂପେ ବିବେଚିତ ହୁଅନ୍ତୁ । ପୃଥିବୀର ସାମଗ୍ରିକ ପରିସ୍ଥିତ ସାମାନ୍ୟ ହେବା ନିମନ୍ତେ ମଧ୍ୟ ପ୍ରାର୍ଥନା କରନ୍ତୁ । ଅଲ୍ଲାଃତାଲା ଯୁଦ୍ଧର ବିଭିଷୀକା ଠାରୁ ଜଗତକୁ ରକ୍ଷା କରନ୍ତୁ । **ଆମିନ୍ ।**

ଖୁତ୍‌ବା ଜୁମା ଶେଷରେ ହୁଜୁର ଅନ୍‌ୱର୍ ଅ.ବ କହିଲେ: ବର୍ତ୍ତମାନ ମୁଁ କେତେକ ମୃତକମାନଙ୍କର ଚର୍ଚ୍ଚା କରିବାକୁ ଚାହୁଁଛି । ତନ୍ମଧ୍ୟରୁ ପ୍ରଥମ ମୃତକ ହେଲେ ପଶ୍ଚିମ ଆଫ୍ରିକାର ଆମର ଜଣେ ପୂର୍ବତନ ମୁବଲ୍ଲିଗ୍ ସିଲସିଲା ମୌଲାନା ମୁନଓ୍ୱର୍ ଅହେମଦ ଖୁର୍ଶିଦ୍ ସାହେବ ମୁବଲ୍ଲିଗ୍ ସିଲ୍‌ସିଲାଙ୍କର । ସ୍ୱର୍ଗତ ମୁନଓ୍ୱର୍ ସାହେବ ଜଣେ ବିଶ୍ୱସ୍ତ ବ୍ୟକ୍ତି ଥିଲେ । ନିଜର ଉତ୍ସର୍ଗକୁ ପୂର୍ଣ୍ଣ ରୂପେ ସମ୍ପାଦନ କରିଥିଲେ। ଅତ୍ୟନ୍ତ ବିନୀତ ସ୍ୱଭାବର ବ୍ୟକ୍ତି ଥିଲେ । ଦୀର୍ଘ ବର୍ଷ ପର୍ଯ୍ୟନ୍ତ ତାଙ୍କୁ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହେଲା ଓ ସେ ସଠିକ୍ ରୂପେ ନିଜର ଦାୟିତ୍ୱ ସମ୍ପାଦନ କଲେ । ବିଗତ ଦିନ ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କର ପରଲୋକ ହୋଇଯାଇଛି । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ସ୍ୱର୍ଗତଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ହ. ମିଆଁ ଅବଦୁଲ୍ କରୀମ୍ ସାହେବଙ୍କ ମାଧ୍ୟମରେ ଆସିଥିଲା । ହ. ମିଆଁ ଅବଦୁଲ୍ କରୀମ୍ ସାହେବ ଯିଏ 1903 ମସିହାରେ କରମ୍ ଦିନ୍ ମକଦ୍ଦମା ସଂକ୍ରାନ୍ତରେ ଝେଲମ୍ ପ୍ରସ୍ଥାନ କରିଥିଲେ ସେତେବେଳେ ସେ ବୈଅତ୍ କରିଥିଲେ । ମୌଲବୀ ଖୁର୍ଶିଦ୍ ସାହେବଙ୍କ ଘରେ ଯେକୌଣସି ସନ୍ତାନ ଜନ୍ମ ଗ୍ରହଣ କରୁଥିଲା ସେ ଅସୁସ୍ଥ ଓ ରୁଗ୍‌ଣ ହୋଇ ମୃତ୍ୟୁ ବରଣ କରୁଥିଲା । ସୁତରାଂ ଯେତେବେଳେ ସ୍ୱର୍ଗତ ମୁନଓ୍ୱର୍ ସାହେବ ଜନ୍ମଗ୍ରହଣ କଲେ ସେତେବେଳେ ଆପଣ ମଧ୍ୟ ଅସୁସ୍ଥ ହୋଇଗଲେ। ସନ୍ତାନ ବଞ୍ଚିବାର କୌଣସି ବାଟ ଦିଶୁ ନଥିଲା । ତେଣୁ ତାଙ୍କର ଦଦା ମିଆଁ ଅବଦୁଲ୍ କରୀମ୍ ସାହେବ ଯେକି ହ. ମସିହ୍ ମଉଦ୍ ଅ.ସଙ୍କ ସାହାବି ଥିଲେ ସେ ଏହି ନିଷ୍ପତ୍ତି ନେଲେ ଯେ, ଉକ୍ତ ବାଳକକୁ ଈଶ୍ୱରଙ୍କ ମାର୍ଗରେ ୱକ୍‌ଫ୍ (ଉତ୍ସର୍ଗ) କରି ଦିଆଯାଉ । ତାହା ଏଇଥି ପାଇଁ ଯେ, ଯଦି ଅଲ୍ଲାଃତାଲା ଆବଶ୍ୟକ ବୋଲି ମନେ କରନ୍ତି ତେବେ ସେ ସ୍ୱୟଂ ହିଁ ଉକ୍ତ ବାଳକକୁ ବଞ୍ଚାଇ ନେବେ । ସେ ଯାହା ହେଉ ଉକ୍ତ ଅବଧି ମଧ୍ୟରେ ଜଣେ ବୈଦ୍ୟ ଗ୍ରାମକୁ ଆସିଲା ଯିଏ ଦୂରବର୍ତ୍ତୀ ଗ୍ରାମର ବାସୀନ୍ଦା ଥିଲା । ସେ ଉକ୍ତ ବାଳକ (ମୁନଓ୍ୱର୍ ସାହେବଙ୍କର) ଚକିତ୍ସା ଏବଂ ଉପଚାର କଲା । ଫଳତଃ ଅଲ୍ଲାଃତାଲା ଚମତ୍କାର ଢଙ୍ଗରେ ମୁନଓ୍ୱର୍ ସାହେବଙ୍କୁ ଆରୋଗ୍ୟ ଲାଭ ପ୍ରଦାନ କଲେ । ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କ ଶ୍ୱଶୁର ମୁହମ୍ମଦ୍ ଖାନ୍ ଦର୍‌ୱେଶ୍ ସାହେବ ମଧ୍ୟ ତାଙ୍କ ସଂପର୍କରେ ସ୍ୱପ୍ନ ଦେଖିଥିଲେ ଯେ, ଆପଣ ଏକ ଉଚ୍ଚ ଓ ଭବ୍ୟ ମିନାରା (ସୌଧ ବା ଗମ୍ବୁଜ) ଉପରେ ବିଦ୍ୟମାନ ଅଟନ୍ତି । ସେହି ଦର୍‌ୱେଶ୍ ସାହେବଙ୍କୁ ଯେତେବେଳେ ଉକ୍ତ ସ୍ୱପ୍ନ ସଂପର୍କରେ କୁହାଗଲା ସେତେବେଳେ ଉକ୍ତ ଦର୍‌ୱେଶ ଜଣକ ଏହି ଅର୍ଥ କହିଲେ ଯେ, ଆପଣ (ଅର୍ଥାତ ମୁନଓ୍ୱର୍ ସାହେବ) ଅହେମଦିୟତ୍‌ର ମିନାରାକୁ ଅତ୍ୟନ୍ତ ଉଜ୍ଜ୍ୱଳମୟ କରିବେ ଓ ଅହେମଦିୟତ୍‌ର ସେବା କରିବାକୁ ସାମର୍ଥ୍ୟ ଲାଭ କରିବେ । ଅଲ୍ଲାଃତାଲା ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କୁ ସାମର୍ଥ୍ୟ ମଧ୍ୟ ପ୍ରଦାନ କଲେ ।

ଯାମିଆ ଅହେମଦିୟାରୁ ଶିକ୍ଷା ସମାପ୍ତ କରି କିଛି କାଳ ପର୍ଯ୍ୟନ୍ତ ପାକିସ୍ତାନରେ ହିଁ ଅବସ୍ଥାନ କରିଥିଲେ । ପୁନଶ୍ଚ 1983 ମସିହାରେ ସ୍ୱର୍ଗତ ମୁନଓ୍ୱର୍ ସାହେବ ଆଫ୍ରିକା ଚାଲି ଯାଇଥିଲେ । ଗ୍ୟାମ୍ବିୟାରେ ଓ ସିନିଗଲ୍ ଆଦି ଦେଶରେ ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କୁ ଦୀର୍ଘ କାଳ ଧରି ସେବା କରିବାର ସୌଭାଗ୍ୟ ଅର୍ଜନ

## ହ. ଅମୀରୁଲ୍ ମୁମିନିନଙ୍କ ନୀତିବାଣୀ:-

"ଆମେ ଅହେମଦିମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍ ଧର୍ମର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାକୁ ହେବ" ।

ତାଲିବେ ଦୁଆ: Sajeed Khan, S/O- Sultan Ahmad, Jamat Ahmadiya Paradeep (Kerang) (Odisha)

## କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)

"ଆମ ଜମାଅତ୍‌ର ସଦସ୍ୟବୃନ୍ଦଙ୍କ ପକ୍ଷେ ଏହି ଉଚିତ ହେବ ଯେ, ଜମାଅତ୍‌ର ସଦସ୍ୟବୃନ୍ଦ ଚାରିତ୍ରିକ ଅବସ୍ଥାରେ ଉନ୍ନତି କରନ୍ତୁ । କାରଣ 'ଅଲ୍ ଇସ୍ତିକାମତୁ ଫୌକଲ୍ କରାମତି' ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Halimuddin Khan & Family, Jamat Ahmadiya Kerang, Darul Barkat (Odisha)

ହୋଇଥିଲା । ସ୍ୱର୍ଗତ ମୁନଓ୍ୱର୍ ସାହେବ ସିନିଗାଲ୍‌ରେ ଓ ଗ୍ୟାମ୍ବିୟାରେ ଅମୀର ହିସାବରେ ଦାୟିତ୍ୱ ନିର୍ବାହ କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଅସୁସ୍ଥତା ହେତୁ ସେ 2005 ମସିହାରେ ୟୁ.କେ ଚାଲି ଆସିଥିଲେ । କିନ୍ତୁ ଯେପର୍ଯ୍ୟନ୍ତ ସିନିଗାଲ୍‌କୁ ନିୟମିତ ଓ ଔପଚାରିକ ଭାବରେ କୌଣସି ଜଣେ ମୁବଲ୍ଲିଗ୍ ଚାଲିଯାଇ ନଥିଲା ଓ ନିୟମିତ ବ୍ୟବସ୍ଥା ସ୍ଥାପନ ହୋଇଯାଇ ନଥିଲା ସେପର୍ଯ୍ୟନ୍ତ ସ୍ୱର୍ଗତ ମୁନଓ୍ୱର୍ ସାହେବ ସିନିଗଲ୍‌ର ଜମାଅତ୍ ବ୍ୟବସ୍ଥାକୁ ସୁଚାରୁ ରୂପେ ତୁଲାଇଥିଲେ । ପୁନଶ୍ଚ କିଛି କାଳ ପର୍ଯ୍ୟନ୍ତ 2008-2012 ମସିହା ପର୍ଯ୍ୟନ୍ତ ଯାମିଆ ଅହେମଦିୟା ୟୁ.କେରେ ଅଧ୍ୟାପକ ଭାବରେ ସେବା କରିବାକୁ ସାମର୍ଥ୍ୟ ଲାଭ କରିଥିଲେ । ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କୁ ଯେଉଁଠି ବି ସୁଯୋଗ ମିଳିଲା ସେ ଅତ୍ୟନ୍ତ ଉଚ୍ଚତମ ଓ ଉତ୍କୃଷ୍ଟ କାର୍ଯ୍ୟ ସମ୍ପାଦନ କଲେ । ସେ ଅନେକ ଲୋକମାନଙ୍କୁ ବୈଅତ୍ କରାଇବାର ସୌଭାଗ୍ୟ ଅର୍ଜନ କରିଥିଲେ । 40 ଜଣ ସାଂସଦ ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କ ମାଧ୍ୟମରେ ଅହେମଦିୟତ୍ ଗ୍ରହଣ କିରଥିଲେ ଓ ଉକ୍ତ ସଫଳତା ଅବସରରେ ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଜଲ୍‌ସା ସାଲାନା ତାଙ୍କୁ "ଫାତେହ୍ ସିନିଗାଲ୍" (ସିନିଗାଲର ବିଜେତା) ନାମରେ ସମ୍ବୋଧିତ ଓ ଆଖ୍ୟାୟିତ କଲେ । ଜଲ୍‌ସା ସାଲାନା ଜର୍ମାନୀରେ ଏକଦା ସେ 15 ଜଣ ସାଂସଦକୁ ଘେନି ଆଣିଥିଲେ । ପୁନଶ୍ଚ ପାମା (PAMA) ପୁରସ୍କାର ରହିଛି ଯାହାକି ବିଭିନ୍ନ ମୁବଲ୍ଲିଗିନ୍‌ମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ପୁରସ୍କାର ଅଟେ । ସେହି ପୁରସ୍କାର ଅବ୍‌ଦୁର୍ ରହୀମ୍ ସାହେବଙ୍କୁ ମଧ୍ୟ ପ୍ରାପ୍ତ ହେଲା । ମୋ କହିବାରୁ ସେ ସ୍ୱେନ୍ ମଧ୍ୟ ଯାଉଥିଲେ । ସେଠାରେ ଯେଉଁ ଆଫ୍ରିକୀୟମାନେ ବାସ କରୁଛନ୍ତି ସେମାନଙ୍କ ମଧ୍ୟରେ ତବ୍‌ଲିଗ୍ (ପ୍ରଚାର) କଲେ ଓ ଖୁବ୍ ଭଲ କାମ କଲେ । ସେଠାରେ ଅନେକ ବୈଅତ୍ ହୋଇଥିଲା । ବ୍ରିଟେନ୍‌ର ଅନ୍‌ସାରୁଲ୍ଲାଃ ଅଧୀନ ଅନ ଲାଇନ୍ ତାଲିମୁଲ୍ କୁରଆନ୍ କ୍ଲାସ୍ ମଧ୍ୟ ନେଉଥିଲେ । ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକୁ ସେ ଅବ୍ୟାହତ ରଖିଥିଲେ । ଶୋକ ସନ୍ତପ୍ତ ପରିବାରରେ ତିନି ଜଣ ପୁତ୍ର ସନ୍ତାନ ଓ ତିନି ଜଣ କନ୍ୟା ସନ୍ତାନ ରହିଛନ୍ତି। ସ୍ୱର୍ଗତଙ୍କର ଗୋଟିଏ ପୁତ୍ର ଏଠାରେ ଅର୍ଥାତ ୟୁ.କେରେ ହିଁ ଅବସ୍ଥାନ କରନ୍ତି ଓ ୟୁ.କେରେ ହିଁ ମୁବଲ୍ଲିଗ୍ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି ।

ଦାଉଦ୍ ହନିଫ୍ ସାହେବ ଯିଏ ଆଜିକାଲି ଯାମିଆ ଅହେମଦିୟା କାନାଡ଼ାର ପ୍ରିଂସିପାଲ୍ (ଅଧ୍ୟକ୍ଷ) ଅଟନ୍ତି ସେ ମଧ୍ୟ ଆଫ୍ରିକାରେ, ଗ୍ୟାମ୍ବିୟାରେ ଅମୀର୍ ଜମାଅତ୍ ଥିଲେ । ଯେତେବେଳେ ଦାଉଦ୍ ସାହେବ ସେଠାକୁ ଗଲେ ସେତେବେଳ ଅର୍ଥାତ 1983-1994 ମସିହା ପର୍ଯ୍ୟନ୍ତ ତାଙ୍କ ସହିତ ସେବା କରିବାର ସୌଭାଗ୍ୟ ପ୍ରାପ୍ତ ହେଲା ଓ ମୁବଲ୍ଲିଗ୍ ସହିତ ସ୍ୱର୍ଗତ ମୁନଓ୍ୱର୍ ସାହେବ ବିଦ୍ୟାଳୟରେ ଇସ୍‌ଲାମିୟାତ୍ ବିଷୟରେ ପାଠ ପଢାଉଥିଲେ । କୁହନ୍ତି ଯେ, ସିନିଗାଲରେ ତବ୍‌ଲିଗ୍‌ର ଯେଉଁ ପରିସ୍ଥିତି ରହିଛି ତାହା ଏପରି ଥିଲା ଯେ, ସେଠାରେ ସହଜରେ ତବ୍‌ଲିଗ୍ କରାଯାଇପାରିବ ବୋଲି ସମ୍ଭବପର ମନେ ହେଉ ନଥିଲା । ସେଠାରେ ଅତ୍ୟନ୍ତ ବିଷମ ଓ ଉତ୍କଟ ପରିସ୍ଥିତି ଥିଲା । ହନିଫ୍ ସାହେବ କୁହନ୍ତି ଯେ, ଫ୍ରାଫିନି ଠାରେ 1985 ମସିହାର ଶେଷାର୍ଦ୍ଧରେ ତାଙ୍କୁ ସ୍ଥାନାନ୍ତରିତ (ବଦଳି) କରାଗଲା ଯାହା ସିନିଗାଲ୍‌ର ସୀମା ଠାରେ ଅବସ୍ଥିତ ଅଟେ । ଏଠାରେ ଅର୍ଥାତ ସିନିଗାଲ୍ ଠାରେ ଅବସ୍ଥାନ କାଳରେ ଅହେମଦିୟତ୍ ସ୍ଥାପନ କରିବାର ଯୋଜନା ଥିଲା ତାହାକୁ କାର୍ଯ୍ୟକାରୀ କରିବା ମୂଳ ଅଭିପ୍ରାୟ ଥିଲା । ତାହା ଅତ୍ୟନ୍ତ କଷ୍ଟକର ଥିଲା । ସିନାଗଲ୍ ସରକାର କୌଣସି ପାକିସ୍ତାନୀ ନାଗରିକକୁ ଭିଜା ପ୍ରଦାନ କରୁ ନଥିଲା । କିନ୍ତୁ ମୌଲବୀ ମୁନଓ୍ୱର୍ ଖୁର୍ଶିଦ୍ ସାହେବଙ୍କ ଠାରେ ଏହି ବିଶେଷତା ଥିଲା ଯେ, ସେ ଲୋକମାନଙ୍କ ମଧ୍ୟରେ ମିଶି ଯାଉଥିଲେ ଓ ସେମାନଙ୍କ ସହିତ ସୁସଂପର୍କ ସ୍ଥାପନ କରି ନେଉଥିଲେ । ସ୍ୱର୍ଗତ ମୌଲବୀ ମୁନଓ୍ୱର୍ ସାହେବଙ୍କୁ କିଛିଟା ଫ୍ରାନ୍‌ସିସି ଭାଷା ମଧ୍ୟ ଜଣାଥିଲା । ତେଣୁ ତାଙ୍କୁ ଯେତେବେଳେ ସେଠାରେ ନିଯୁକ୍ତ କରାଗଲା ସେତେବେଳେ ସେ ସେଠାକାର ସୀମାରେ ଉପସ୍ଥିତ ଥିବା ଅଫିସରମାନଙ୍କ ସହିତ ସୁସଂପର୍କ ସ୍ଥାପନ କରିନେଲେ । ପୁନଶ୍ଚ ଅଫିସରମାନଙ୍କ ସହିତ ସୁସଂପର୍କ ଯୋଗୁଁ ସ୍ୱର୍ଗତ ମୁନଓ୍ୱର୍ ସାହେବ ସିନାଗଲ୍ ଯିବା ଆସିବା ଆରମ୍ଭ କରିଦେଲେ । ପୁନଶ୍ଚ ସେଠାକାର ଏକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ମାଧ୍ୟମରେ ସେ ଅତିରେକ୍ତ ଫ୍ରାନ୍‌ସିସି ଭାଷା ଶିକ୍ଷା କରିବାକୁ ଆରମ୍ଭ କରିଦେଲେ । କାରଣ ସେ ସେଠାକାର ସ୍ଥାନୀୟ ଅଫିସର୍‌ଙ୍କ ଠାରୁ ଅନୁମତି ପ୍ରାପ୍ତ କରି ନେଇଥିଲେ ଯେ, ସେ ଫ୍ରାପିନି ଠାରେ ପ୍ରଧାନ ଶିକ୍ଷକ ସମ୍ମାନନୀୟ ଅବ୍‌ଦୁସ୍ ସଲାମ୍ ସାହେବଙ୍କ ସହିତ ବସି ଫ୍ରେଞ୍ଚ୍ ଭାଷା ଶିଖି ପାରିବେ । ସେ ଯାହା ହେଉ ଏହା ଏକ ସଫଳତା ଥିଲା ଓ ଏହିପରି ଭାବରେ ସେ କିଛି କାଳ ବ୍ୟବଧାନରେ ସିନିଗାଲ ଯାଉଥିଲେ । ପୁନଶ୍ଚ ଏକ ବିଶେଷ ପ୍ରକାରର ପାସ୍ (Pass) ତାଙ୍କୁ ପ୍ରାପ୍ତ ହୋଇ ଯାଇଥିଲା । ତଦନୁଯାୟୀ ସେ ଗ୍ୟାମ୍ବିୟାର ଯାନ ବାହାନରେ ସିନିଗାଲ ଯାଆ ଆସ୍ କରୁଥିଲେ । ଏହି ଯାଆ ଆସ୍ ସମୟରେ ସେ ନିଜ ସହିତ ଜମାଅତ୍‌ର ଲିଟ୍ରେଚର ନେଇଯାଉଥିଲେ, ସେଠାରେ ତବ୍‌ଲିଗ୍ କରୁଥିଲେ ଓ ଏହା ମାଧ୍ୟମରେ ସେ ଅନେକ ଲୋକମାନଙ୍କୁ ବୈଅତ୍ କରାଇଥିଲେ। କାଓଲକ୍ ଅଞ୍ଚଳରେ ବିଭିନ୍ନ ଅହେମଦିମାନେ ପୂର୍ବରୁ ହିଁ ବାସ କରୁଥିଲେ । ସେଠାକାର ହାମିଦ୍ ମୁମ୍ବଇ ସାହେବ ନାମକ ଜଣେ ସ୍ଥାନୀୟ ମୁବଲ୍ଲିଗ୍ ଥିଲେ ସେ ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କ ସହିତ ମିଶି କାର୍ଯ୍ୟ କଲେ ଓ ମୁବଲ୍ଲିଗିନ୍‌ମାନଙ୍କ ମଧ୍ୟରେ ସେଠାରେ ଅତିରିକ୍ତ ଜମାଅତ୍ ସ୍ଥାପିତ ଓ ବ୍ୟାପୀ ଥିଲା । ପ୍ରଥମ କଥା ହେଲା ସେଠାରେ ଗମନା ଗମନ ନିମନ୍ତେ ରାସ୍ତାଘାଟ ନାହିଁ । ଅଫ୍ରିକାର କେଉଁଠି ଆବଡ଼ା ଖାବଡ଼ା ରାସ୍ତା ଅବା କଚ୍ଚା ରାସ୍ତା ତ' ଆଉ କେଉଁଠି ଆଦୌ ରାସ୍ତାଘାଟ ନାହିଁ । କିନ୍ତୁ ସ୍ୱର୍ଗତ ମୁନଓ୍ୱର୍ ସାହେବ ଓ ଅନ୍ୟ ମୁବଲ୍ଲିଗନ୍‌ମାନେ ମୋଟର ସାଇକେଲ (ଦୁଇ ଚକିଆ ଯାନ) ମାଧ୍ୟମରେ ସେଠାରେ ପହଞ୍ଚି ଯାଉଥିଲେ । ଯେଉଁ ରାସ୍ତା ଦେଇ ଯିବାକୁ ପଡୁଥିଲା ତାହା ଅତ୍ୟନ୍ତ ସଂକୀର୍ଣ୍ଣ, ବଣ ବୁଦା ଓ ହିଡ଼ ଭଳି ରାସ୍ତା ଥିଲା । ସେହିପରି ରାସ୍ତା ଦେଇ ଯିବା ସମୟରେ ପାଦ ଲହୁ ଲୁହାଣ ହୋଇଯାଉଥିଲା । କିନ୍ତୁ ସେ ଏହାକୁ କେବେବି ଭୃକ୍ଷେପ କଲେ ନାହିଁ ଏବଂ ନିଜ କାର୍ଯ୍ୟରେ ସର୍ବଦା ମନୋନିବେଶ କରିଥିଲେ ।

ପୁନଶ୍ଚ ଦାଉଦ୍ ହନିଫ୍ ସାହେବ ଉଲ୍ଲେଖ କରନ୍ତି ଯେ, ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ଅତ୍ୟନ୍ତ କଷ୍ଟକର କାର୍ଯ୍ୟ ଥିଲା । ଖୁବ୍ ସତର୍କତାର ସହିତ ତବ୍‌ଲିଗ୍ କରୁଥିଲେ। ଧୀରେ ଧୀରେ ଯେତେବେଳେ ସୁସଂପର୍କ ସ୍ଥାପିତ ହୋଇଗଲା, ଜମାଅତ୍‌ର ପରିଚୟ କରାଇ ଦିଆଗଲା ଯେ, ହ. ମସିହ୍ ମଉଦ୍ ଅ.ସ ଇସ୍‌ଲାମ୍ ଧର୍ମକୁ ପୁନର୍ଜୀବିତ କରିବା ନିମନ୍ତେ ଆସିଛନ୍ତି । ଏହି ବାର୍ତ୍ତା ଯେତେବେଳେ ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦିଆଗଲା ଏବଂ ଅଫିସର୍‌ମାନଙ୍କୁ ମଧ୍ୟ ଯେତେବେଳେ ଏହି ସନ୍ଦେଶ ପହଞ୍ଚାଇ ଦିଆଗଲା ସେତେବେଳେ ଆହୁରି ସ୍ୱାଧୀନତାର ସହିତ ସ୍ୱର୍ଗତ ମନୁଓ୍ୱର୍ ସାହେବ ସିନିଗାଲ ଯିବା ଆସିବା ଆରମ୍ଭ କରିଦେଲେ । ସ୍ୱର୍ତ ମୁନଓ୍ୱର୍ ସାହେବ ନିୟମିତ ସିନାଗାଲ ଗସ୍ତ କରୁଥିଲେ ଓ ପୁନଶ୍ଚ ଏହିପରି କାଓଲକ୍ ଅଞ୍ଚଳର ଅଧିକାଂଶ ଜନବସତିରେ ଜମାଅତ୍ ପ୍ରବିଷ୍ଟ ହୋଇଗଲା । ସେଠାରେ ଅସଂଖ୍ୟ ଜମାଅତ୍ ସ୍ଥାପିତ ହେଲା ଏବଂ ତହିଁରେ ଅଭିବୃଦ୍ଧି ମଧ୍ୟ ହେବାକୁ ଲାଗିଲା।

ହୁଜୁର୍ ଅନ୍‌ଓ୍ୱର୍ ଅ.ବ କହିଲେ ମୋଟର୍ ସାଇକେଲ୍‌ର ତ' ମୁଁ ଚର୍ଚ୍ଚା କଲି । କିନ୍ତୁ କେତେକ ସ୍ଥାନ ଓ କେତେକ ଗ୍ରାମ ଏପରି ମଧ୍ୟ ରହିଥିଲା ଯେଉଁଠି ମୋଟର ସାଇକେଲ୍ ଆଦି ଉପଲବ୍ଧ ନଥିଲା ସେଠାରେ ଠେଲା ଗାଡ଼ିରେ, ଗଧ ଗାଡ଼ି ଉପରେ ବସି ସେମାନେ ଦୀର୍ଘ କି.ମି ଯାତ୍ରା କଲେ ଓ ବିଭିନ୍ନ ଗ୍ରାମରେ କେବଳ ପହଞ୍ଚୁ ନଥିଲେ ବରଂ ଆଜିକାଲି କେତେକ ମୁବଲ୍ଲିଗିନ୍‌ମାନେ ଉଲ୍ଲେଖ କଲେ ଯେ, ବର୍ତ୍ତମାନ ଆମେମାନେ ଯେତେବେଳେ ସେଠାକୁ ଗଲୁ ସେଠାକାର ଲୋକମାନେ ଆମମାନଙ୍କୁ କହିଲେ, ଏଠାରେ ବହୁ ସମୟ ପୂର୍ବେ ମୌଲାନା ମୁନଓ୍ୱର୍ ଖୁର୍ଶିଦ୍ ସାହେବ ଆମ ପାଖକୁ ଆସୁଥିଲେ ଏବଂ ଅତ୍ୟନ୍ତ ବିଷମ ପରିସ୍ଥିତିରେ ଆସୁଥିଲେ ଏବଂ ସେଠାରେ ଯାଇ ସେ ରହୁଥିଲେ ଓ ତବ୍‌ଲିଗ୍ ମଧ୍ୟ କରୁଥିଲେ । ସେ ସେଠାରେ ଲୋକମାନଙ୍କ ଗହଣରେ ରାତ୍ରି ଯାପନ କରୁଥିଲେ ଏବଂ ସେଠାକାର ଅଧିବାସୀଙ୍କ ମୁଖ୍ୟ ଆହର ଥିଲା ଚରି (ମକ୍କା) କିମ୍ବା ବାଜ୍ରାକୁ ପାଣିରେ ଫୁଟାଇ ଖାଇବା । ସେହି ଆହରକୁ ସ୍ୱର୍ଗତ ମୁନଓ୍ୱର୍ ସାହେବ ଖାଉଥିଲେ । ଏହା ହିଁ ତାଙ୍କର ମୁଖ୍ୟ ଖାଦ୍ୟ ବା ଆହାର ହେଉଥିଲା । ପୁନଶ୍ଚ ସେ ତବ୍‌ଲିଗ୍ କରି ଆଗକୁ ବଢି ଯାଉଥିଲେ । ସେ କେବେ ବି ଏହା ଭୃକ୍ଷେପ କଲେ ନାହିଁ ଯେ, ତାଙ୍କୁ ରହଣୀ ନିମନ୍ତେ ଭଲ ସ୍ଥାନଟିଏ ମିଳୁ କିମ୍ବା ଉତ୍ତମ ଖାଦ୍ୟ ମିଳୁ । ଯେଉଁଠାରେ ଯାହା ଉପଲବ୍ଧ ହୋଇଗଲା, ଯାହାକିଛି ବି ଆହାର ମିଳିଲା ତାହାକୁ ସେ ସାଦରରେ

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯୁବ ଖୁଦ୍ଦାମ ଓ ଅତ୍‌ଫାଲମାନଙ୍କୁ ନିଜର ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ଉଚିତ । ସେହି ଲୋକମାନଙ୍କ ସହିତ ବନ୍ଧୁତ୍ୱତା ରଖନ୍ତୁ ଯେଉଁମାନେ ନିଷ୍ପାପର ଓ ବିଶ୍ୱସ୍ତ ଅଟନ୍ତି ଏବଂ ଯେଉଁମାନେ ଅଶିଷ୍ଟତା ଓ ଅସଭ୍ୟତା ଆଦି କାର୍ଯ ।"

(ମଲ୍‌ଫୁଜାତ୍, ଖଣ୍ଡ-1, ପୃ-102, )

ତାଲିବେ ଦୁଆ: Sk Shamim Ahmad Sultan & Family, Jamat Ahmadiya Kardapalli (Odisha)

**ନବୀ ସ.ଅଙ୍କ ବାଣୀ**

"ଯେତେବେଳେ ତୁମମାନଙ୍କ ମଧ୍ୟରୁ କୌଣସି ବ୍ୟକ୍ତି ଭୋଜନ କରିବାକୁ ଲାଗେ ସେତେବେଳେ ସର୍ବ ପ୍ରଥମେ ଅଲ୍ଲାଃତାଲାଙ୍କର ନାମ ନେଉ । ଅର୍ଥାତ **ବିସ୍‌ମିଲ୍ଲାଃହି** ପାଠ କରୁ ଆଉ ଯଦି **ବିସ୍‌ମିଲ୍ଲାଃ** କହିବାକୁ ଭୁଲିଯାଏ ତେବେ ସେପରିପ୍ରେକ୍ଷୀରେ **ବିସ୍‌ମିଲ୍ଲାଃହି ଅଓ୍ୱଲହୁ** ପଢିନେଉ।"

(ତିର୍ମିଜି କିତାବୁଲ୍ ଅତଅମା )

ତାଲିବେ ଦୁଆ: Sarwar Khan & Family, Jamat Ahmadiya Kerang, Darul Fazal (Odisha)

ଗ୍ରହଣ କଲେ ଓ ଏହିପରି ଭାବରେ ଲୋକମାନଙ୍କ ହୃଦୟରେ ସେ ପ୍ରିୟପାତ୍ର ହୋଇପାରି ଥିଲେ । ତବ୍‌ଲିଗ୍ ମଧ୍ୟ ଅତ୍ୟନ୍ତ ସୁନ୍ଦର ଢଙ୍ଗରେ କରିଥିଲେ ।

ହ. ଖଲିଫତୁଲ୍ ମସିହ୍ ରାବେ ର.ଅ ଯେତେବେଳେ ଏହି ସ୍ୱପ୍ନ ଦେଖିଥିଲେ ଯେ, ଫ୍ରେଞ୍ଚ ସ୍ପିକିଙ୍ଗ୍ (French Speaking) ଅର୍ଥାତ୍ ଫ୍ରାନ୍ସିସୀୟ ଭାଷା କହୁଥିବା ରାଷ୍ଟ୍ରରେ ଜମାଅତ୍‌ର ଉନ୍ନତି ହେଉଅଛି । ତେବେ ପୁନଶ୍ଚ ଯେଉଁ ଅଞ୍ଚଳରେ ସ୍ୱର୍ଗତ ମୁନଓ୍ୱର ସାହେବ ଥିଲେ ସେଠାରୁ ବାହାରି ସିନିଗାଲ ଅଭିମୁଖେ ସେ ଧ୍ୟାନ କେନ୍ଦ୍ରିତ କରିଥିଲେ । ସ୍ୱର୍ଗତଙ୍କୁ ସେଠାକୁ ପ୍ରେରଣ କରାଗଲା, ସେଠାରେ ପ୍ରଭାବଶାଳୀ ଲୋକମାନଙ୍କୁ ତବ୍‌ଲିଗ୍ କରାଗଲା ଓ ଏହିପରି ଭାବରେ ପୁନଶ୍ଚ ସଂସଦର ସାଂସଦମାନଙ୍କୁ ମଧ୍ୟ ତବଲିଗ୍ କରାଗଲା । ଫଳତଃ 14 ଜଣ ସାଂସଦମାନଙ୍କୁ ବୈଅତ୍ କରିବାର ସାମର୍ଥ୍ୟ ଲାଭ ହୋଇଥିଲା । ଜମାଅତ୍ ଉପରେ ମଧ୍ୟ ଏହାର ସୁପ୍ରଭାବ ପଡ଼ିଲା ଏବଂ ସେଠାରେ ଜମାତ୍ ଦୃଢ଼ ରୂପେ ସ୍ଥାପିତ ହେବାକୁ ଲାଗିଲା। ଜମାଅତ୍‌ର ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ମୁଅଲ୍ଲିମିନ୍‌ମାନଙ୍କର ସଂଖ୍ୟା ବୃଦ୍ଧି ପାଇବା ସଙ୍ଗେସଙ୍ଗେ ଶିକ୍ଷା ଓ ପ୍ରଶିକ୍ଷଣର ଆବଶ୍ୟକତା ଥିଲା। ତେଣୁ ବାର୍ଷିକ ମୂଳଦୁଆ ଅନୁଯାୟୀ ଏହି କାର୍ଯ୍ୟକ୍ରମ ଅବ୍ୟାହତ ରଖିଲେ ଓ ମୌଲାନା ସାହେବ ଅତ୍ୟନ୍ତ ସାହାସିକତାର ସହିତ ଏହି କାର୍ଯ୍ୟକୁ ସମ୍ପାଦନ କଲେ । 1997 ମସିହାରେ ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କୁ ସିନିଗାଲ୍‌ର ଅମୀର ଭାବରେ ନିଯୁକ୍ତ କରାଗଲା । ଅତ୍ୟନ୍ତ ସାହାସିକତାର ସହିତ ସେ ଶେଷ ସମୟ ପର୍ଯ୍ୟନ୍ତ ନିଜର ସେବାକୁ ସମ୍ପାଦନ କରିଥିଲେ । ହନିଫ୍ ସାହେବ କୁହନ୍ତି ଯେ, ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କ ଠାରେ ଉପସ୍ଥିତ ଖଲିଫାଙ୍କ ଆଦେଶର ଆଜ୍ଞାପାଳନ କରିବାର ଦକ୍ଷତା ଭରପୁର ମାତ୍ରରେ ରହିଥିଲ । ବାସ୍ତବରେ ଯେତେବେଳେ ସେ ଏଠାକୁ ଆସିଲେ ସେତେବେଳେ ମୁଁଏହିପରି ମନୋଭାବ ସ୍ୱର୍ଗତଙ୍କ ଠାରେ ଅବଲୋକନ କରିଅଛି । ଯେତେବେଳେ ସ୍ୱର୍ଗତ ମୁନଓ୍ୱର୍ ସାହେବ ଏଠାକୁ ଆସିଲେ, ସେ ଦୀର୍ଘ 10 ବର୍ଷ ଧରି ଅସୁସ୍ଥ ଥିଲେ । ଅସୁସ୍ଥତା ସମୟରେ ଯେତେବେଳେ ବି କୌଣସି କାର୍ଯ୍ୟ ତାଙ୍କୁ ହସ୍ତାନ୍ତର କରାଗଲା ସେତେବେଳେ ସେ ଏହାକୁ ତୁରନ୍ତ ସମ୍ପାଦନ କରିବା ପାଇଁ ଉଦ୍ୟମ କରୁଥିଲେ ।

ସ୍ୱର୍ଗତ ମୁନଓ୍ୱର୍ ସାହେବ ତବ୍‌ଲିଗ୍ କରିବାର ପ୍ରବଳ ଆଗ୍ରହ ଥିଲା । ସିନିଗାଲ୍‌ର ମୁବଲ୍ଲିଗ୍ ଓ୍ୱଜିହୁଲ୍ଲାଃ ସାହେବ କୁହନ୍ତି ମୁଁ ଯେବେ ଠାରୁ ଏଠାକୁ ଆସିଛି ସେବେଠାରୁ ମୁଁ ମୌଲାନା ମୁନଓ୍ୱର୍ ସାହେବଙ୍କର ନାମ ଓ ଖ୍ୟାତି ଶୁଣି ଆସିଛି। ମୁଁ ଯେଉଁଠାକୁ ବି ଯାଉଥିଲି ସେଠାରେ ଲୋକମାନେ ଅତ୍ୟନ୍ତ ପରିଶ୍ରମର ତଥା ପ୍ରଶଂସାର ସହିତ ତାଙ୍କର ଚର୍ଚ୍ଚା କରୁଥିଲେ । କେତେକ ଘଟଣାବଳୀ ବର୍ଣ୍ଣନା କରି ସ୍ଥାନୀୟ ମୁଅଲ୍ଲିମ୍ ସାହେବାନ୍ କୁହନ୍ତି । ସ୍ଥାନୀୟ ମୁଅଲ୍ଲିମ୍ ମୁହମ୍ମଦ୍ ଓ ତଫସିର୍ ମାରା ସାହେବ କୁହନ୍ତି: ସ୍ୱର୍ଗତ ମୌଲବୀ ମୁନଓ୍ୱର ଖୁର୍ଶିଦ୍ ସାହେବଙ୍କ ମାଧ୍ୟମରେ ମୁଁ ଅହେମଦିୟତ୍ ସ୍ୱୀକାର କଲି ଓ ସେ ମୋତେ ଉତ୍ତମ ଶିକ୍ଷା ପ୍ରଦାନ କଲେ ଓ କଠିନ ପରିଶ୍ରମ ତଥା ପ୍ରେମର ସହିତ ମୋତେ ସଂସ୍କାର ପ୍ରଦାନ କଲେ । ଫଳତଃ ମୁଁ ଯାମିଆ ଅହେମଦିୟା ଘାନାରୁ ଶିକ୍ଷା ପ୍ରାପ୍ତ କଲି ଓ ଜମାଅତ୍‌ର ସେବା କରିବାକୁ ସମାର୍ଥ୍ୟ ଲାଭ କଲି । କୁହନ୍ତି ଯେ, ମୁଁ ଦୀର୍ଘ ସମୟ ଧରି ସ୍ୱର୍ଗତଙ୍କ ସହିତ ଅତିବାହିତ କରିଛି । ମହୋଦୟ ମୁହମ୍ମଦ୍ ମାରା ସାହେବ ସିନିଗାଲୀୟ ଅଧିବାସୀ ତଥା ନାଗରିକ ଅଟନ୍ତି । ଖିଲାଫତ୍ ପ୍ରତି ଆନ୍ତରୀକତା ଥିଲା । ଯାହାର କୌଣସି ସୀମା ସରହଦ୍ ନଥିଲା । ଅର୍ଥାତ ତାହା ଅସୀମ ଥିଲା । ଏହି ବିଶେଷ କଥା ପାଳନ କରିବାକୁ ସ୍ୱର୍ଗତ ମନୁଓ୍ୱର୍ ସାହେବ ମୋତେ ଅନୁପ୍ରାଣିତ କରୁଥିଲେ ଏବଂ କହୁଥିଲେ ବସ ତୁମେ ଖଲିଫାଙ୍କ ସହିତ ସର୍ବଦା ଉତ୍ତମ ସଂପର୍କ ରଖିଥିବା। ଦ୍ୱିତୀୟତଃ ଏହିକି ଯେ, ମୁଁ ତାଙ୍କ ଠାରେ ଏହା ଅବଲୋକନ କଲି ଯେ, ସେ କେବେ ନମାଜ ତେହଜ୍ଜୁଦ୍ ପରିତ୍ୟାଗ କଲେ ନାହିଁ ଓ ଆମମାନଙ୍କୁ ନମାଜ ତେହଜ୍ଜୁଦ୍ ପାଠ କରିବାକୁ ଅନୁପ୍ରାଣିତ କରୁଥିଲେ ଏବଂ କହୁଥିଲେ ତୁମେମାନେ ସର୍ବଦା ନମାଜ ତେହଜ୍ଜୁଦ୍ ପାଠ କର ଓ ବିଶେଷ ରୂପେ ହ. ଖଲିଫତୁଲ୍ ମସିହଙ୍କ ସକାଶେ ଦୁଆ କରୁଥାଅ । ଏହି ମୁଅଲ୍ଲିମ୍ (ମୁହମ୍ମଦ୍ ମାରା) ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ମୁନଓ୍ୱର୍ ସାହେବ ଅତ୍ୟନ୍ତ ପରିଶ୍ରମୀ ବ୍ୟକ୍ତି ଥିଲେ, ସେ କଠିନ ପରିଶ୍ରମ କରୁଥିଲେ, ସଂପୂର୍ଣ୍ଣ ସିନିଗାଲ୍‌ର ସେ ଗସ୍ତ କରିଥିଲେ । ତାଙ୍କର ସବୁବେଳେ ଏହି ପ୍ରୟାସ ରହୁଥିଲା ଯେ, ସେ ପ୍ରତ୍ୟେକ ଗ୍ରାମକୁ ଯିବେ ଓ ମସିହ୍ ମଉଦ୍ ଅ.ସଙ୍କ ବାର୍ତ୍ତା ଲୋକମାନଙ୍କ ପର୍ଯ୍ୟନ୍ତ ପହଞ୍ଚାଇ ଦେଇ ଆସିବେ । ମୁଅଲ୍ଲିମ୍ ସାହେବ କୁହନ୍ତି: ବିନୀତ ଉକ୍ତ କଥାର ସାକ୍ଷ୍ୟ ଯେ, ମୁନଓ୍ୱର୍ ସାହେବ ଯେତେବେଳେ ଜମାଅତ୍‌ର କାର୍ଯ୍ୟରେ ବ୍ୟସ୍ତ ରହୁଥିଲେ ସେତେବେଳେ ଆପଣ ସ.ଅଙ୍କୁ ଦିବାରାତ୍ର ଅବା ଖାଇବା ପିଇବାର କୌଣସି ଚିନ୍ତା ହେଉ ନଥିଲା । ଅଲ୍ଲାଃତାଲାଙ୍କ ସହିତ ତାଙ୍କର ନିବିଡ଼ ସଂପର୍କ ଥିଲା । ଏହାକୁ ସେ ଅନେକ ସମୟ ଅବଲୋକନ ମଧ୍ୟ କରୁଥିଲେ । କୁହନ୍ତି ଯେ, ଏକଦା ଏକ ଜମାଅତୀୟ ଫଙ୍କସନ୍ (ସମାରୋହ)ଥିଲା । ସେଠାରେ ଲୋକମାନ ଆସିଥିଲେ । ଜଣେ ଅହେମଦି ସେଠାରେ ଅସୁସ୍ଥ ହୋଇଗଲେ ଏବଂ ସେ ଫେରିଯିବାକୁ ଅନୁମତି ପ୍ରକାଶ କଲେ। ଅତଏବ ସେମାନେ ଅନୁମତି ପ୍ରଦାନ କରିଦେଲେ । କିନ୍ତୁ ଯେତେବେଳେ ବସ୍‌ରେ ସ୍ଥାନ ମିଳିଗଲା ଓ ବସରେ ବସିବାକୁ ଲାଗିଲେ ସେତେବେଳେ ମୁନଓ୍ୱର୍ ସାହେବ ତାଙ୍କୁ ଅଟକାଇ ଦେଲେ ଯେ, ସେ ଉକ୍ତ ବସ୍‌ରେ ନବସନ୍ତୁ । ବରଂ ଅନ୍ୟ ବସରେ ବସନ୍ତୁ। ମୋ ମନରେ ସେତେବେଳେ ଏହି କୁଚିନ୍ତାଧାରା ଉତ୍ପନ୍ନ ହେଲା ଯେ, କୌଣସି ଦୁର୍ଘଟଣାର ଶିକାର ତଥା ଦୁର୍ଘଟଣାର ସମ୍ମୁଖୀନ ଯେପରି ହୋଇ ନଯାଆନ୍ତୁ । ଯଦି ଏପରି ହେଲା ତେବେ ଲୋକମାନେ କହିବେ କି ଦେଖ ଜମାଅତ୍‌ର ସମାରୋହକୁ ଯାଇଥିଲା ଏବଂ ସେଠାରେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କଲା । ସେ ଯାହା ହେଉ ତାହା ହିଁ ହେଲା ଯାହା ମୁନଓ୍ୱର୍ ସାହେବ କହିଥିଲେ । ତେଣୁ ସେ (ବ୍ୟକ୍ତି ଜଣକ) ଯେଉଁ ବସକୁ ଚଢ଼ିବାକୁ ଇଚ୍ଛା ପ୍ରକାଶ କରୁଥିଲେ ତାହା ଦୁର୍ଘଟଣା ଗ୍ରସ୍ତ ହେଲା । କିନ୍ତୁ ମୁଅଲ୍ଲିମ୍ ସାହେବ ଅନ୍ୟ ବସରେ ବସିଥିବା ହେତୁ ସକୁଶଳେ ନିଜ ଘରେ ପହଞ୍ଚି ଗଲେ । ଉକ୍ତ ଘଟଣା ଯୋଗୁଁ ମଧ୍ୟ ଲୋକଙ୍କ ବିଶ୍ୱାସରେ ଅଭିବୃଦ୍ଧି ହୋଇଥିଲା ଏବଂ ଲୋକମାନଙ୍କ ମଧ୍ୟରେ ସେଠାରେ ପ୍ରେମର ଏହି ଅବସ୍ଥା ଥିଲା ଯେ, ସିନିଗାଲ୍‌ର ବିଭିନ୍ନ ସ୍ଥାନରେ ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କ ନମାଜ ଯନାଜାଃ ଗାଏବ୍ ପାଠ କରାଗଲା । ଅନେକ ଅଣଅହେମଦିମାନେ ମଧ୍ୟ ତାଙ୍କ ଯନାଜାଃ ଏବଂ ଶୋକ ସଭାରେ ସାମିଲ୍ ହୋଇଥିଲେ ।

ପୁନଶ୍ଚ ଫାଟକ୍ ଜମାଅତ୍‌ର ସଦର୍ ଯାହାଙ୍କ ନାମ ରୋଗନ ଫାଇ ସାହେବ ଅଟେ । ସେ କୁହନ୍ତି: ଯେଉଁ ନୈସର୍ଗିକ ମନୋଭାବ ରଖି ଓ ଉତ୍ସର୍ଗପୂର୍ବକତାର ସହିତ ସ୍ୱର୍ଗତ ମୁନଓ୍ୱର୍ ଖୁର୍ଶିଦ୍ ସାହେବ କାର୍ଯ୍ୟ କରୁଥିଲେ ସେହିପରି ନୈସର୍ଗିକ ମନୋଭାବ ଓ ଉତ୍ସର୍ଗ ଅନ୍ୟ ବ୍ୟକ୍ତି ପକ୍ଷେ ଅତ୍ୟନ୍ତ କଷ୍ଟସାଧ ଅଟେ । ପୁନଶ୍ଚ ଜାଲୁ ସାହେବ ସ୍ଥାନୀୟ ମୁଅଲ୍ଲିମ୍ ସାହେବ କୁହନ୍ତି ଯେ, ଯେତେବେଳେ ସ୍ୱର୍ଗତ ମୁନଓ୍ୱର୍ ସାହେବ ପ୍ରଥମ ଥର କରି ସିନିଗାଲ ଆସିଲେ ସେତେବେଳେ ଏକ ଦୀର୍ଘ ସମୟ ପର୍ଯ୍ୟନ୍ତ ମୋତେ ମୁନଓ୍ୱର୍ ସାହେବଙ୍କ ସହିତ କାମ କରିବାକୁ ସାମର୍ଥ୍ୟ ଲାଭ ହୋଇଥିଲା । ଅତ୍ୟନ୍ତ ଧର୍ମପରାୟଣ ବ୍ୟକ୍ତି, ସାହାସୀ ଓ ବୀର ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । ଜମାଅତ୍‌ର ଗସ୍ତ ସମୟରେ ସେ ଅତ୍ୟନ୍ତ ସତର୍କତା ଏବଂ ସାହସିକତାପୂର୍ବକ ତବ୍‌ଲିଗି କାର୍ଯ୍ୟ ସମ୍ପାଦନ କରୁଥିଲେ । ସେହିପରି ସ୍ୱର୍ଗତ ମୁନଓ୍ୱର୍ ସାହେବ ଜଣେ ନ୍ୟାୟପ୍ରିୟ ବ୍ୟକ୍ତି ଥିଲେ । ଜମାଅତ୍ ସହିତ ଅତ୍ୟନ୍ତ ପ୍ରେମ ଓ ନ୍ୟାୟପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରୁଥିଲେ ।

ରାଜା ବୁରହାନ୍ ସାହେବ କୁହନ୍ତି ଯେ, ଶେଷ ଦିନରେ ଯେତେବେଳେ ସ୍ୱର୍ଗତ ମୁନଓ୍ୱର୍ ସାହେବ ଅସୁସ୍ଥ ହେଲେ ସେତେବେଳେ ତାଙ୍କର ପ୍ରତିଦିନ ଡାଇଲେସିସ୍ (Dialysis) ହେଉଥିଲା । ଦିନେ ଏକ ବିବାହ ସମାରୋହରେ ମୋ ସହିତ ତାଙ୍କର ଭେଟ ହେଲା ଏବଂ ସେ କହିଲେ, ମୁଁ ଦୋକାନ ଖୋଲି ସାରିଲିଣି । ମୁଁ ତାଙ୍କୁ କହିଲି ଏ ଦୋକାନ (ପସରା ମେଲାଇବାର) ଖୋଲିବାର କ'ଣ ଅର୍ଥ ରହିଛି? ସେ କହିବାକୁ ଲାଗିଲେ ଯେ, ମୁଁ ଯେତେବେଳେ ଘରେ ଥାଏ ସେତେବେଳେ ମୁଁ ଘର ବାହାରେ ଏକ ଟେବୁଲ୍ ରଖି ସେଠାରେ ଗ୍ରୀଷ୍ମ ଋତୁରେ ପାଣି ରଖିଦିଏ ଓ ଲିଟ୍ରେଚର ପୁସ୍ତକ ମଧ୍ୟ ରଖି ଦେଇଥାଏ । ଯାଆ ଆସ୍ କରୁଥିବା ଲୋକମାନଙ୍କୁ ଆବଶ୍ୟକ ସ୍ଥଳେ ଜଳପାନ କରାଇ ଦିଏ ଓ ଲିଟ୍ରେଚର ପୁସ୍ତକ ମଧ୍ୟ ଦେଇ ଦେଇଥାଏ । ସୁତରାଂ ସ୍ୱର୍ଗତ ମୁନଓ୍ୱର୍ ସାହେବ ନିରୋଳା ହୋଇ ବସନ୍ତି ନାହିଁ । ସେହି ରୋଗାବସ୍ଥାରେ ମଧ୍ୟ ସେ ନୂତନ ଉପାୟ ସନ୍ଧାନ

**ହ. ମୁସଲେହ୍ ମଉଦ୍ ର.ଅଙ୍କ ଆଦର୍ଶ ଉକ୍ତି**

"ହ. ମୁସ୍‌ଲେହ୍ ମଉଦ୍ ର.ଅ କୁହନ୍ତି: "ଜାତିର ସଂସ୍କାର ଯୁବ ପିଢୀଙ୍କ ସଂସ୍କାର ବ୍ୟତୀତ କଦାପି ସମ୍ଭବପର ହୋଇପାରିବ ନାହିଁ ।"

**ତାଲିବେ ଦୁଆ:** Sarwar khan & Family,
Jamat Ahmadiya Kerang, (Darul salam)
Darul Fazal (Odisha)

**କଲାମୁଲ୍ ଇମାମ୍ (ଯୁଗାବତାରଙ୍କ ନୀତିବାଣୀ)**

"ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କ ମାର୍ଗରେ କିଛି ଖର୍ଚ୍ଚ କରିଥାଏ ତେବେ ଏହା ବଦଳରେ ଉକ୍ତ ବ୍ୟକ୍ତିକୁ ସାତ ଶହ ଗୁଣା ପୁଣ୍ୟ ପ୍ରାପ୍ତ ହୋଇଥାଏ ।"
(ତିର୍ମିଜି, କିତାବୁ ଫଜାଇଲିଲ୍ ଜିହାଦ୍, ବାବ୍ ଫଜ୍‌ଲୁଲ୍ ଇଫ୍‌କତା ଫି ସବିଲିଲ୍ଲାଃହି )

**ତାଲିବେ ଦୁଆ:** Rahmat Bibi, W/o- Late Shujat Ali & Family,
Jamat Ahmadiya Kerang,
Darul Fazal (Odisha)

EDITOR
Qamarul Haque Khan
Sub-Editor : SAYED ATAUL WAHAB
Mob : (+91) 8437782443
website : www.akhbarbadr.in

REGISTERED WITH THE REGISTRAR OF THE NEWSPAPERS FOR INDIA AT NO RN 2016/68750
The Weekly **BADAR** Qadian
Qadian - 143516 Distt. Gurdaspur (Pb.) INDIA
Postal Reg. No.GDP-40/2023-2025 Vol. 8 Thursday- 23 NOVEMBER 2023 Issue No.-47

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

କରି ନେଇଥିଲେ । ଅତଃ ଯେଉଁ ଲୋକମାନେ କହୁଛନ୍ତି ଯେ, ତବଲିଗ୍ କିପରି କରିବୁ ? ସେମାନଙ୍କ ପାଇଁ ଉପରୋକ୍ତ ଉଦାହରଣ ଯଥେଷ୍ଟ ଅଟେ । ତବ୍‌ଲିଗ୍ କରିବାର ନବ ନବ ମାର୍ଗ ଓ ଉପାୟ ଯଦି ସନ୍ଧାନ କରାଯାଏ ତେବେ ତାବା ଅବଶ୍ୟ ଉପଲବ୍ଧ ହୋଇଯାଇଥାଏ। ତେଣୁ ତବ୍‌ଲିଗ୍ ନିମନ୍ତେ ମନରେ ଉତ୍ସାହ, ଅଭିରୁଚି, ଆଗ୍ରହ ଓ ସ୍ପୃହା ରହିବା ଉଚିତ୍ ।

ସେହିପରି ସ୍ୱର୍ଗତ ମୁନଓ୍ୱର୍ ସାହେବଙ୍କ ଏକ ବିଶେଷ ଦକ୍ଷତା ଏହା ମଧ୍ୟ ଥିଲା ଯେ, ସେ ଅନ୍ୟ ଭାଷାରୁ ଶୀଘ୍ର ଶିକ୍ଷା ଆହରଣ କରି ନେଉଥିଲେ । ଗ୍ୟାମ୍ବିଆରେ ମଧ୍ୟ ବିଭିନ୍ନ ଭାଷା ବୋଲାଯାଇଥାଏ ଏବଂ ସ୍ୱର୍ଗତଙ୍କୁ ସେହି ଭାଷା ଆସୁଥିଲା। ସ୍ୱର୍ଗତ ମୁନଓ୍ୱର୍ ସାହେବ କହୁଥିଲେ ଯେ, ଆମର ତିନି ଜଣ ଗ୍ୟାମ୍ବିଆନ୍ ମୁବଲ୍ଲିଗିନ୍ ଯିଏ ଏଠାରୁ ପାଠ ପଢି ଯାଇଉଛନ୍ତି ସେମାନେ ହେଲେ- ଅବ୍‌ଦୁଲ୍ଲାଃ ସାହେବ, ଅବ୍‌ଦୁର୍ ରହେମାନ ସାହେବ ଓ ମୁହମ୍ମଦ୍ ମୁବାଏ ସାହେବ । ଏହି ତିନୋଟି ବିଭିନ୍ନ ସଂପ୍ରଦାୟ ରହିଛି ଏହା ଏକ ଅନ୍ୟର ଭାଷା ବୁଝିପାରୁ ନଥିଲେ । କିନ୍ତୁ ମୁଁ ସେହି ତିନି ସଂପ୍ରଦାୟର ଭାଷା ଜାଣିଛି ।

ତାଙ୍କର ପତ୍ନି ନୁସ୍ରତ୍ ଜାହାଁ ସାହେବା କୁହନ୍ତି: ସ୍ୱର୍ଗତ ମୁନଓ୍ୱର୍ ସାହେବ ସନ୍ତମାନଙ୍କ ସଂସ୍କାର ପ୍ରତି ପ୍ରଯତ୍ନଶୀଳ ଥିଲେ । ବହୁତ ପ୍ରେମକାରୀ ଅସ୍ତିତ୍ୱଟିଏ ଥିଲେ । ଖିଲାଫତ୍ ପ୍ରତି ଅନାବିଳ ପ୍ରେମ ଥିଲା । ସେ ସଠିକ୍ ଭାବରେ ୱକ୍‌ଫ୍‌ର (ଉତ୍ସର୍ଗ) ଅଧିକାର ସମ୍ପାଦନ କଲେ । ମତଭେଦକୁ ଦୂରୀଭୂତ କରିବା ଓ ସନ୍ଧି ସ୍ଥାପନ କରାଇବା ଦିଗରେ ଯଥାସମ୍ଭବ ପ୍ରୟାସ କରୁଥିଲେ । ସେ ଅତିଥି ସତ୍କାରକ ବ୍ୟକ୍ତିଟିଏ ଥିଲେ । ଯେତବେଳେ ସେ ଆଫ୍ରିକା ଗସ୍ତ କରୁଥିଲେ ସେତେବେଳେ ସେ ଆମମାନଙ୍କୁ କହି ଦେଉଥିଲେ ଯେ, ତୁମେମାନେ ମୋର କିଛି ଚିନ୍ତା କର ନାହିଁ ଯେ, ମୁଁ କେବେ ଆସିବି ? ମୁଁ ଯେତେବେଳେ କାମ ସମାପ୍ତ କରିଦେବି ସେତେବେଳେ ମୁଁ ଘରକୁ ଫେରି ଆସିବି । ତବ୍‌ଲିଗ୍ କରିବାର ସ୍ପୃହା ତାଙ୍କ ଠାରେ ବିଦ୍ୟମାନ ଥିଲା । ସ୍ପେନ୍‌ରେ ମଧ୍ୟ ତାଙ୍କୁ ତବ୍‌ଲିଗ୍ କରିବାର ଶୁଭ ଅବସର ପ୍ରାପ୍ତ ହେଲା । ରୋଗ ବ୍ୟାଧି ସତ୍ତ୍ୱେ ସେ ସେଠାକୁ ଯାଉଥିଲେ । ଏହିପରି ଭାବରେ ସେ ପୁରୁଣା ସଂପର୍କ ପୁନଃ ସ୍ଥାପିତ କରିଥିଲେ ।

ସ୍ୱର୍ଗତ ମୁନଓ୍ୱର୍ ଅହେମଦ ଖୁର୍ଶିଦ୍ ସାହେବଙ୍କ ସୁପୁତ୍ର ମୁହମ୍ମଦ ଅହେମଦ ଖୁର୍ଶିଦ୍ ଯେକି ମୁବଲ୍ଲିଗ୍ ସିଲ୍‌ସିଲା ଅଟନ୍ତି ସେ କୁହନ୍ତି ଯେ, ପିତାଶ୍ରୀ ସର୍ବଦା ଆମମାନଙ୍କୁ ଏହି ଉପଦେଶ ଦେଉଥିଲେ କି ତୁମେମାନେ ସର୍ବଦା ଲୋକମାନଙ୍କର ଉପକାର କରିବ । ଲୋକଙ୍କ କାମରେ ଆସିବ । କାରଣ ଲୋକସେବା ମଧ୍ୟ ଏକ ସୁନ୍ଦର ଉପାସନା ଅଟେ । ଯଦ୍ୱାରା ଅଲ୍ଲାଃତାଲା ପ୍ରସନ୍ନ ହୋଇଥାଆନ୍ତି । ମୁହମ୍ମଦ୍ ସାହେବ କୁହନ୍ତି ଆମେମାନେ ପିତାଶ୍ରୀଙ୍କ ମଧରେ ସର୍ବଦା ଇସ୍‌ଲାମୀୟ ଶିକ୍ଷାର ଏକ ବ୍ୟବହାରିକ ଉଦାହରଣ ଅବଲୋକନ କରିଛୁ ।

ସ୍ପେନ୍‌ରୁ ସଲ୍‌ମାନ ସଲମି ସାହେବ କୁହନ୍ତି: ସ୍ପେନ୍‌ରେ ଅବସ୍ଥାନ କାଳରେ ସ୍ୱର୍ଗତ ମୁନଓ୍ୱର୍ ଖୁର୍ଶିଦ୍ ସାହେବଙ୍କ ସହିତ ତବ୍‌ଲିଗ୍ ପାଇଁ ବାହାରିବାକୁ ସୁଯୋଗ ପ୍ରାପ୍ତ ହେଲା । ଆଶ୍ଚର୍ଯ୍ୟକର ଘଟଣା ଏବଂ ପ୍ରସଙ୍ଗ ଅବଲୋକନ କଲି ଯେ, ଆପଣ ଯେତେବେଳେ କୌଣସି ଆଫ୍ରିକୀୟ ପଥଯାତ୍ରୀକୁ ସଲାମ୍ (ନମସ୍କାର) କରୁଥିଲେ ସେତେବେଳେ ଟାହୁଁ ଟାହୁଁ ତା'କୁ ଆୟତ୍ତ କରି ନେଉଥିଲେ ଓ କିଛି ସମୟ ମଧ୍ୟରେ ହିଁ ଉକ୍ତ ବ୍ୟକ୍ତି ସହିତ ଏକ ସୁଦୃଢ ସଂପର୍କ ସ୍ଥାପନ କରି ନେଉଥିଲେ । ତତ୍‌ସହିତ ସେ ଏହା କହି ଯାଉଥିଲେ ଯେ, ଉକ୍ତ ବ୍ୟକ୍ତିର ସଂପର୍କ ଅମକ ଗ୍ରାମ ସହିତ ରହିଛି ଏବଂ ଏହାର ଆଖପାଖର ଅଞ୍ଚଳ ଏହିଗୁଡ଼ିକ ଅଟନ୍ତି। ମୁଁ ସେଠାକୁ ଯାଇଅଛି ଓ ସେହି ଅଞ୍ଚଳର ଲୋକମାନେ ଅତ୍ୟନ୍ତ ନୈଷ୍ଠିକ ବ୍ୟକ୍ତି ଅଟନ୍ତି । ସ୍ୱର୍ଗତ ମୁନଓ୍ୱର ସାହେବ ସେଠିକାର ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ମଧ୍ୟ ଚିହ୍ନି ଥିଲେ । କାରଣ ଅଫ୍ରିକୀୟ ଭାଷାରେ ସେ କଥାବାର୍ତ୍ତା କରୁଥିଲେ । ତେଣୁ ସେହି ବ୍ୟକ୍ତି ମଧ୍ୟ ସେମାନଙ୍କର କଥା ଶୁଣୁଥିଲା । ସେ ଆଶ୍ଚର୍ଯ୍ୟ ମଧ୍ୟ ହେଉଥିଲା ଓ ଆନନ୍ଦିତ ମଧ୍ୟ ହେଉଥିଲା । ଦୁଇ ତିନି ଥର ସାକ୍ଷାତ୍ ପରେ ପୁନଶ୍ଚ ଉକ୍ତ ବ୍ୟକ୍ତି ଜମାଅତ୍ ପାଖକୁ ଚାଲି ଆସୁଥିଲା ତ' ସ୍ୱର୍ଗତ ମୁନଓ୍ୱର୍ ସାହେବ ଉକ୍ତ ବ୍ୟକ୍ତିକୁ ସନ୍ଦେଶ ପ୍ରେରଣ କରୁଥିଲେ । ସଲ୍‌ମାନ୍ ସଲ୍‌ମି ସାହେବ କୁହନ୍ତି: ସ୍ୱର୍ଗତ ମୁନଓ୍ୱର୍ ସାହେବ ଅଭିପ୍‌ସା ଏହା ହେଉ ନଥିଲା ଯେ, ପ୍ରଥମ ଥର ବାର୍ତ୍ତା ବା ସନ୍ଦେଶ ପହଞ୍ଚାଇବା ପରେ ବିସ ଯାଉଥିଲେ । ତାହା ନୁହେଁ ବରଂ ପ୍ରଥମେ ସେ ବ୍ୟକ୍ତିଗତ ସଂପର୍କ ସ୍ଥାପନ କରୁଥିଲେ ଓ ପରେ ପୁନଶ୍ଚ ଦୁଇ ତିନି ଥର ସାକ୍ଷାତ୍ ହେବା ପରେ ତବ୍‌ଲିଗ୍ କରୁଥିଲେ ଓ ଅହେମଦିୟତ୍‌ର ବାର୍ତ୍ତା ପହଞ୍ଚାଉଥିଲେ । ସଲ୍‌ମାନ ସଲ୍‌ମି ସାହେବ କୁହନ୍ତି ଯେ, ବର୍ତ୍ତମାନ ତାଙ୍କର ବ୍ୟକ୍ତିଗତ ସଂପର୍କ ଯୋଗୁଁ, ଚାରିତ୍ରିକ ଶିଷ୍ଟାଚାର ଯୋଗୁଁ ଭୂମି ପ୍ରସ୍ତୁତ ହୋଇ ସାରିଥିଲା ଓ ପୁନଶ୍ଚ ଲୋକମାନେ ତୁରନ୍ତ ବୈଅତ୍ ମଧ୍ୟ କରି ନେଉଥିଲେ । ସେ ଯାହା ହେଉ ସେ ସ୍ପେନ୍‌ରେ ଅନେକ ସମୟ ପର୍ଯ୍ୟନ୍ତ କାମ କଲେ ଓ ଅଲ୍ଲାଃତାଲାଙ୍କ କୃପାରୁ ସେଠାରେ ସେ ଜମାଅତ୍ ମଧ୍ୟ ସ୍ଥାପନ କରି ଦେଲେ । ଅହେମଦିୟତ୍ ଓ ପ୍ରକୃତ ଇସ୍‌ଲାମ୍ ଧର୍ମର ବାର୍ତ୍ତା ପହଞ୍ଚାଇବାର ଏକ ପାଗଳାମୀ ତାଙ୍କ ଠାରେ ରହିଥିଲା। ଏକଥା ନିରାଟ ସତ୍ୟ ଯେ, ସ୍ୱର୍ଗତଙ୍କ ନିକଟରେ ବିନୀତତାର ମଧ୍ୟ କୌଣସି ସୀମା ନଥିଲା । ମୁଁ ଯେତବେଳେ ତାଙ୍କୁ ସ୍ପେନ୍ ଯିବା ପାଇଁ କହିଲି ସେତବେଳେ ସେ ଅସୁସ୍ଥ ଥିଲେ ଏବଂ ଅସୁସ୍ଥତା ସତ୍ତ୍ୱେ ମଧ୍ୟ କୌଣସି ବାହାନା କିମ୍ବା ଟାଳଟୁଳ ନକରି ତୁରନ୍ତ ଯିବା ପାଇଁ ପ୍ରସ୍ତୁତ ହୋଇଗଲେ । ହୁଜୁର ଅନ୍‌ଓ୍ୱର୍ ଅ.ବ କହିଲେ, ଅଲ୍ଲାଃତାଲା ଜମାଅତ୍‌କୁ ଏହିପରି ବିଶ୍ୱସ୍ତ ମୁବଲ୍ଲିଗ୍ (ପ୍ରଚାରକ) ପ୍ରଦାନ କରନ୍ତୁ ଯିଏ ନିଃସ୍ୱାର୍ଥପର ହୋଇ କାମ କରିପାରୁଥିବେ ଓ କାମକୁ ପୂର୍ଣ୍ଣ କରି ପାରୁଥିବେ। ଅଲ୍ଲାଃତାଲା ବୈକୁଣ୍ଠରେ ସ୍ୱର୍ଗତଙ୍କର ସ୍ତରକୁ ମଧ୍ୟ ଉନ୍ନୀତ କରନ୍ତୁ । **ଆମିନ୍** ।

**ଦ୍ୱିତୀୟ** ଯନାଜାଃ ହେଉଛି ପାକିସ୍ତାନର ମୁବଲ୍ଲିଗ୍ ସିଲ୍‌ସିଲା ଇକ୍‌ବାଲ୍ ଅହେମଦ ମୁନୀର ସାହେବଙ୍କର । ବିଗତ ଦିନରେ ମଧ୍ୟ ତାଙ୍କର ବିୟୋଗ ହୋଇଛି । ତାଙ୍କ ବଂଶରେ ଅହେମଦିୟତ୍ ତାଙ୍କର ଦଦା ଚୌଧୁରୀ ଗୁଲାମ୍ ହୈଦର୍ ସାହେବଙ୍କ ମାଧ୍ୟମରେ 1895 ମସିହାରେ ହୋଇଥିଲା । ସ୍ୱର୍ଗତ ଇକ୍‌ବାଲ୍ ସାହେବ ଯାମିଆ ଅହେମଦିୟାରୁ ଶିକ୍ଷା ପ୍ରାପ୍ତ କରିଥିଲେ । ପୁନଶ୍ଚ ଏହାପରେ ସେ ଇସ୍‌ଲାହ୍ ଓ ଇର୍ଶାଦ ମର୍କଜିଆ ଅଧୀନସ୍ଥ କାର୍ଯ୍ୟ କରିଥିଲେ । ସେ 2001 ମସିହାରୁ 2008 ମସିହା ପର୍ଯ୍ୟନ୍ତ ସେରାଲିଓନ୍‌ରେ ରହିଥିଲେ ଓ ପୁନଶ୍ଚ ଫେରି ଆସିଥିଲେ । ଏହାପରେ ପୁନଶ୍ଚ ପାକିସ୍ତାନ୍‌ର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟ କରିଥିଲେ । ସେ ହୃଦୟ ରୋଗୀ ଥିଲେ । କିନ୍ତୁ ଏହା ସତ୍ତ୍ୱେ ଅତ୍ୟନ୍ତ ପରିଶ୍ରମର ସହିତ ମନୋଯୋଗପୂର୍ବକ କାର୍ଯ୍ୟ କରୁଥିଲେ । ଅଲ୍ଲାଃତାଲାଙ୍କ କୃପାରୁ ସ୍ୱର୍ଗତ ଇକ୍‌ବାଲ୍ ସାହେବ ଓସିୟତ୍ କରିଥିଲେ । ଲୋକମାନଙ୍କ ସହିତ ତାଙ୍କର ସୁସଂପର୍କ ଥିଲା ଓ ଜଣେ ନୈଷ୍ଠିକ୍ ସ୍ୱଭାବର ଅଧିକାରୀ ଥିଲେ । ସ୍ୱର୍ଗତଙ୍କ ପତ୍ନିଙ୍କ ବ୍ୟତୀତ ତିନୋଟି ପୁତ୍ର ସନ୍ତାନ ରହିଛନ୍ତି । ଅବ୍‌ଦୁଲ୍ ୱକିଲ୍ ସାହେବ ନାମକ ଜଣେ ମୁବଲ୍ଲିଗ୍ ସାହେବ କୁହନ୍ତି ଯେ, ଇକ୍‌ବାଲ୍ ସାହେବ ସମସ୍ତଙ୍କର ପ୍ରିୟପାତ୍ର ବ୍ୟକ୍ତି ଥିଲେ ଓ ଖିଲାଫତ୍ ସହିତ ତାଙ୍କର ସୁସଂପର୍କ ଥିଲା । ସେ ସମସ୍ତଙ୍କୁ ଭଲ ପାଉଥିଲେ । ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ । କିନ୍ତୁ ହୃଦୟର ଦୟାଳୁ ବ୍ୟକ୍ତି ଥିଲେ । ସାମାନ୍ୟ ସାକ୍ଷାତ୍ ପରେ ଏହା ଆକଳନ ହୋଇଯାଉଥିଲା ଯେ, ତାଙ୍କ ଠାରେ ବିନୀତତା ସଂପୂର୍ଣ୍ଣ ଭାବରେ ବିଦ୍ୟମାନ ରହିଛି ।

କରାଚୀର ନାଏବ୍ ଅମୀର୍ ସୟେଦ୍ ମୁନିର୍ ଅହେମଦ୍ ସାହେବଙ୍କ ସହିତ ସ୍ୱର୍ଗତ ଇକ୍‌ବାଲ୍ ସାହେବ୍ କାମ କରିଥିଲେ । ସେ କୁହନ୍ତି ଯେ, ସ୍ୱର୍ଗତ ଇକ୍‌ବାଲ୍ ସାହେବ ଅତ୍ୟନ୍ତ ପିରଶ୍ରମୀ, ଉଦ୍ୟମୀ ଓ ନୈଷ୍ଠିକ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ। ତାଙ୍କୁ ଯେଉଁ କାର୍ଯ୍ୟ ଦିଆଯାଉଥିଲା ସେ ତାହାକୁ ମନୋଯୋଗପୂର୍ବକ ତୁରନ୍ତ ସମ୍ପାଦନ କରିବା ପ୍ରତି ଅଗ୍ରାଧିକାର ଦେଉଥିଲେ । କାର୍ଯ୍ୟାଳୟକୁ ଆସି ସେ ସ୍ପଷ୍ଟ ପରାମର୍ଶ ମଧ୍ୟ ଦେଉଥିଲେ । ମୁନିର୍ ସାହେବ କୁହନ୍ତି: ମୁଁ ମଧ୍ୟ ଇକ୍‌ବାଲ୍ ସାହେବଙ୍କ ଠାରୁ ଉତ୍ସାହ ଓ ପ୍ରେରଣା ପ୍ରାପ୍ତ କରୁଥିଲି । ସେ ନିର୍ମଳ ହୃଦୟ ବ୍ୟକ୍ତି, ସାହିର ଲୋକମାନଙ୍କ ସହିତ ତାଙ୍କର ବ୍ୟକ୍ତିଗତ ସଂପର୍କ ଥିଲା । ଫଳତଃ ତାଙ୍କର କାର୍ଯ୍ୟରେ ସହଜତା ସୃଷ୍ଟି ହୋଇଯାଉଥିଲା । ଏହି କାରଣରୁ ହିଁ ତାଙ୍କୁ ସମସ୍ତେ କହୁଥିଲେ ଯେ, ଆପଣ ଲୋକମାନଙ୍କୁ ବୁଝାନ୍ତୁ ଯେ, ସେମାନେ ଚାନ୍ଦା ଦେବେ । ସ୍ୱର୍ଗତଙ୍କ କହିବାର ସୁପ୍ରଭାବ ମଧ୍ୟ ଲୋକମାନଙ୍କ ଉପରେ ପଡୁଥିଲା। ଅଲ୍ଲାଃତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଓ ବୈକୁଣ୍ଠରେ ତାଙ୍କର ସ୍ତର ଉନ୍ନୀତ କରନ୍ତୁ ।

ତୃତୀୟ ମୃତକା ହେଉଛନ୍ତି କାଦିଆନ୍‌ର ସୟେଦା ନୁସ୍ରତ୍ ଜାହାଁ ବେଗମ୍ ସାହେବା । ସ୍ୱର୍ଗତା କାଦିୟାନର ମିଆଁ ଅବ୍‌ଦୁଲ୍ ଅଜିମ୍ ସାହେବ ଦରଓ୍ୱଶ୍‌ଙ୍କର ପତ୍ନୀ ଥିଲେ । **(ଅବଶିଷ୍ଟାଂଶ ଖୁତ୍‌ବା ପରବର୍ତ୍ତୀ ସଂଖ୍ୟାରେ................)**

**ନବୀ ସ.ଅଙ୍କ ବାଣୀ:-**

**"ଇଜ୍‌ତନିବୁଲ୍ ଗଜିବା"** ଅର୍ଥାତ କ୍ରୋଧରୁ ସର୍ବଦା ବର୍ତ୍ତିବା ଉଚିତ୍, କାରଣ କ୍ରୋଧ ହେଉଛି ମଷିଣର ପରମ ଶତ୍ରୁ ।

**ତାଲିବେ ଦୁଆ:** Sk Deedar Ahmed & Family,
Jamat Ahmadiya Kerang,
Darul Fazal (Odisha)

Printed & Published by: Jameel Ahmed Nasir on behalf of Nigran Board of Badar. Name of Owner: Nigran Board of Badar. And printed at Fazle-Umar Printing Press. Harchowal Road, Qadian, Distt. Gurdaspur-143516, Punjab. And published at office of the Weekly Badar Mohallah - Ahmadiyya, Qadian Distt. Gsp-143516, Punjab. India. Editor: Qamrul Haque Khan